


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୧ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 21 July 2026
Vol.No. 36 ■ No.191 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026
SAI SADHANA SCIENCE COLLEGE
+2 Sc. & +2 Arts
SAI SADHANA COLLEGE OF BASIC SCIENCE (+3)
(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)
Dibyasingpur, UDALA
100% first class result-2026
Contact No: 9437294587, 9437443950, 9937557158


# ସଂସଦର ମୌସୁମୀ ଅଧିବେଶନ: ବିରୋଧୀଙ୍କ ହଟ୍ଟଗୋଳରେ ଧୋଇଗଲା ପ୍ରଥମ ଦିନ

## ■ଉପସ୍ଥାପିତ ହେଲା ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ବୃଦ୍ଧି ବିଲ୍
## ■'ବନ୍ଦେ ମାତରମ୍' ଗାଇବା ବେଳେ ବିଶୃଙ୍ଖଳା କଲେ ହେବ ୩ ବର୍ଷର ଜେଲ୍ ଦଣ୍ଡ

ନୂଆଦିଲ୍ଲୀ,୨୦/୭ : ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନଟି ସମ୍ପୂର୍ଣ୍ଣ ରୂପେ ଧୋଇଯାଇଛି। ବିରୋଧୀ ଦଳର ସାଂସଦମାନଙ୍କ ପ୍ରବଳ ହଟ୍ଟଗୋଳ ଓ ନାରାବାଜି ଯୋଗୁଁ ଉଭୟ ଗୃହର କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିପାରିନାହିଁ । ପରିସ୍ଥିତି ଏପରି ହୋଇଥିଲା ଯେ ଲୋକସଭା ଓ ରାଜ୍ୟସଭାକୁ ପ୍ରଥମେ ୬ ଥର ମୁଲତବି ରଖାଯିବା ପରେ ଶେଷରେ ଆଜି ପାଇଁ ସମ୍ପୂର୍ଣ୍ଣ ମୁଲତବି ଘୋଷଣା କରାଯାଇଛି । ବିରୋଧୀ ସାଂସଦମାନେ ମୁଖ୍ୟତଃ ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ରାମ ମନ୍ଦିର ଦାନ ଅର୍ଥ ହେରଫେର ପ୍ରସଙ୍ଗ ଉପରେ ଗୃହରେ ବିସ୍ତୃତ ଆଲୋଚନା କରିବାକୁ ଦାବି କରିଥିଲେ । ନିଜ ଦାବି ସପକ୍ଷରେ



କିଛି ସାଂସଦ ପୋଷ୍ଟର ଓ ବ୍ୟାନର ଧରି ଗୃହ ଭିତରେ ଏବଂ ବାହାରେ ଜୋରଦାର ପ୍ରଦର୍ଶନ କରିଥିଲେ । ଅନ୍ୟପକ୍ଷରେ ରାଜ୍ୟସଭାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା । ଗୃହରେ କଂଗ୍ରେସ ସଭାପତି ତଥା ସାଂସଦ ମଲ୍ଲିକାର୍ଜୁନ ଖାଡ଼ଗେ ଯନ୍ତର ମନ୍ତରଠାରେ ଚାଲିଥିବା ଆନ୍ଦୋଳନ ପ୍ରସଙ୍ଗ ଉଠାଇଥିଲେ । ସେଠାରେ ସିଜେପି (କକ୍ରୋଚ୍ ଜନତା ପାର୍ଟି) ନେତୃତ୍ୱରେ ହେଉଥିବା ଆନ୍ଦୋଳନ ଉପରେ ଆଲୋଚନା ପାଇଁ ସେ ଦାବି କରିଥିଲେ । ଖାଡ଼ଗେ ଅଭିଯୋଗ କରିଥିଲେ ଯେ, ଯନ୍ତର ମନ୍ତରରେ ନିଜ ହକ୍ ପାଇଁ ଏକାଠି ହୋଇଥିବା ପିଲାମାନଙ୍କ ସ୍ୱରକୁ ବଳପୂର୍ବକ ଦବାଇ ଦିଆଯାଉଛି । ଏପରିକି ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ପକ୍ଷରୁ ଲାଠିଚାର୍ଜ କରାଯାଇଥିବା ନେଇ ସେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ । ତେବେ ଲୋକସଭାରେ ଏହି ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଥିଲେ। ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ବିଲ୍ ଉପସ୍ଥାପନ କରାଯାଇଛି। ଏହି ନୂତନ ବିଲ୍‌ରେ ସୁପ୍ରିମକୋର୍ଟରେ ଅନୁମୋଦିତ ବିଚାରପତିଙ୍କ ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରାଯିବାର ବ୍ୟବସ୍ଥା ରହିଛି । ◆◆ପୃଷ୍ଠା ୭

# ରଥଯାତ୍ରା ବେଳେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟଣା: ୧୦ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୭ (ନି.ପ୍ର): ଗତ ଜୁଲାଇ ୧୬ ତାରିଖ ଦିନ ଶ୍ରୀକ୍ଷେତ୍ର ପୁରୀରେ ଏକ ଅତ୍ୟନ୍ତ ଦୁଃଖଦ ତଥା ହୃଦୟବିଦାରକ ଘଟଣା ଘଟିଥିଲା । ପୁରୀରେ ରଥଯାତ୍ରା ସମୟରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିବା କଟକର ଅନୀଲ ଦାସ ଏବଂ ମହାରାଷ୍ଟ୍ର ମୁମ୍ବାଇରୁ ଆସିଥିବା ଅଶୋକ ସୁବାରେ ରାଇକରଙ୍କର ମୃତ୍ୟୁ ହୋଇଥିଲା । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତରମାନେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଆପ୍ରାଣ ଚେଷ୍ଟା କରିଥିଲେ ସୁଦ୍ଧା, ଦୁର୍ଭାଗ୍ୟବଶତଃ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କର ପ୍ରାଣହାନି ଘଟିଥିଲା । ଏବେ ଉଭୟଙ୍କ



ପରିବାର ପାଇଁ ୧୦ ଲକ୍ଷ ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇବା ପରେ ଅତ୍ୟନ୍ତ ମର୍ମାହତ ହେବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜର ଏକ ସ୍ୱତନ୍ତ୍ର ଶୋକବାର୍ତ୍ତାରେ ଉଭୟ ଅନୀଲ ଦାସ ଏବଂ ଅଶୋକ ସୁବାରେ ◆◆ପୃଷ୍ଠା ୭

## ଜୁଲାଇ ୨୭ରେ ଜନ ଅଭିଯୋଗ ଶୁଣାଣି କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦/୭ (ନି.ପ୍ର): ଆଗାମୀ ଜୁଲାଇ ୨୭ତାରିଖ,ସୋମବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୨,ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୁର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ସକାଳ୮ ଘଟିକା ସମୟରୁ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଜୁଲାଇ ୨୨ ତାରିଖଦିବା ୧୧ ଘଟିକା ଠାରୁ ଆରମ୍ଭ ହେବ । ଏଥିନିମନ୍ତେ,ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (ଏଚଟିପିପିଏସ୍:// ଜନଶୁଣାଣି.ଓଡିଶା.ଜିଓଭି.ଇନ୍) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।

## କେଉଁଠି ପ୍ରବଳ ତ କେଉଁଠି ଦୁର୍ବଳ ବର୍ଷା: ରାଜ୍ୟରେ ଅସମାନ ମୌସୁମୀ ପ୍ରଭାବରୁ ବାଟବଣା ଧାନ ଚାଷ

ଭୁବନେଶ୍ୱର, ୨୦/୭ (ନି.ପ୍ର): ମୌସୁମୀ ଆସିବା ପୂର୍ବରୁ ପାଣିପାଗ ବିଭାଗ ଯେଉଁ ଆଶଙ୍କା କରିଥିଲା, ଏବେ ରାଜ୍ୟରେ ଠିକ୍ ସେହି ଦୃଶ୍ୟ ଦେଖିବାକୁ ମିଳିଛି । ରାଜ୍ୟରେ ସାମଗ୍ରିକ ବର୍ଷା ପରିମାଣ ସ୍ୱାଭାବିକଠାରୁ ଅଧିକ ରହିଥିଲେ ମଧ୍ୟ ବିଡ଼ମ୍ବନାର ବିଷୟ ହେଉଛି ଯେ ଅନେକ ଜିଲ୍ଲାରେ ଏବେ ବି ନିଅଣ୍ଟିଆ ସ୍ଥିତି ଲାଗି ରହିଛି । ପାଣି ଅଭାବରୁ ସେହି ସବୁ ଅଞ୍ଚଳରେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ । ଜୁନ୍ ୧ ତାରିଖରୁ ଜୁଲାଇ ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ଠାରୁ ୧୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି । ତଥାପି ମୌସୁମୀର ଏହି ଖାମଖିଆଲି ନୀତି ଯୋଗୁଁ କେଉଁଠି ଲଗାଣ ବର୍ଷା ତ କେଉଁଠି ଶୁଖିଲା ସ୍ଥିତି ଉପୁଜିଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବର୍ଷାର ଏହି ଅସମାନତା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି । ଗୋଟିଏ ପଟେ ସୋନପୁର, ବୌଦ୍ଧ, ବରଗଡ଼, କନ୍ଧମାଳ, ପୁରୀ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଭଳି ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଛି । ଅନ୍ୟପଟେ ରାଜ୍ୟର ୫ଟି ପ୍ରମୁଖ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି । ପାଣିପାଗ ବିଭାଗର ତଥ୍ୟ ଅନୁସାରେ, ଏହି ଜିଲ୍ଲାଗୁଡ଼ିକରେ ଜୁନ୍ ପହିଲାରୁ ଜୁଲାଇ ୧୯ ମଧ୍ୟରେ ହୋଇଥିବା ବର୍ଷାର ପରିମାଣ ସ୍ୱାଭାବିକ ଠାରୁ ଯଥେଷ୍ଟ କମ୍ ରହିଛି । ଅସମାନ ବର୍ଷା ଯୋଗୁଁ ପୁରୀ, ଢେଙ୍କାନାଳ, କଟକ, ଓ କେନ୍ଦ୍ରାପଡ଼ା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ବର୍ଷା ପାଣି ନିଷ୍କାସନ ହୋଇନପାରି ହଜାର ହଜାର ଏକର ଚାଷ ଜମିରେ ଲହଡ଼ି ମାରୁଛି । ଫଳରେ ଚାଷୀ ବହୁ କଷ୍ଟରେ ପକାଇଥିବା ତଳି ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି । ଯେଉଁ ସମୟରେ ବିଲରେ ରୁଆବେଉଷଣ କାମ ଜୋରସୋରରେ ଚାଲିବା କଥା, ସେତେବେଳେ ଅନେକ ଚାଷୀ ନିଜର ଉଜୁଡ଼ା କ୍ଷେତକୁ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି । ◆◆ପୃଷ୍ଠା ୭

## ଆଇଏଏସ୍ ପୋମା ଟୁଡୁଙ୍କ ବଦଳି: ସ୍ମିତା ପାଣି ହେଲେ ରାଜ୍ୟ ଔଷଧ ନିଗମ ଏମଡି

ଭୁବନେଶ୍ୱର, ୨୦/୭ (ନି.ପ୍ର): ରାଜ୍ୟ ସରକାର ଆଜି ଆଇଏଏସ୍ ଅଫିସରସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ୍ ତଥା ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଡଃ ପୋମା ଟୁଡୁଙ୍କ ବଦଳି ହୋଇଛି। ପ୍ରାୟ ଏକମାସରୁ ଅଧିକ ସମୟ ଧରି ବିନା ଦାୟିତ୍ୱରେ ଥିବା ଆଇଏଏସ୍ ସ୍ମିତା ପାଣିଙ୍କୁ ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଏଫଏସରୁ ଗତବର୍ଷ ଆଇଏଏସକୁ ଉନ୍ନୀତ ହୋଇଥିବା ୨୦୨୦ ବ୍ୟାଚ୍ ସ୍ମିତା ପାଣିଙ୍କୁ ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ ବଦଳି ହୋଇଛି। ସେ ଉଚ୍ଚଶିକ୍ଷା ବିଭାଗରୁ ସାଧାରଣ ପ୍ରଶାସନ ବିଭାଗକୁ ବଦଳି ହେବାପରେ ତାଙ୍କୁ ସେଠାରେ କୌଣସି ଦାୟିତ୍ୱ ମିଳିନଥିଲା। ତାଙ୍କୁ ରାଜ୍ୟ ସରକାର ନିକଟରେ ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟିର ତଦନ୍ତ ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ସଦସ୍ୟ ଭାବେ ସାମିଲ କରିଥିଲେ। ସ୍ମିତା ହେଉଛନ୍ତି ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଦୀପଙ୍କର ମହାପାତ୍ରଙ୍କ ପତ୍ନୀ। ଦୀପଙ୍କର ମଧ୍ୟ ଓଏଫଏସରୁ ଆଇଏଏସକୁ ଉନ୍ନୀତ ହୋଇଛନ୍ତି। ସେହପରି ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ କାର୍ଯ୍ୟ କରୁଥିବା ୨୦୧୨ ବ୍ୟାଚ୍ ଆଇଏଏସ୍ ଡଃ ପୋମା ଟୁଡୁଙ୍କୁ ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେ ପୂର୍ବଭଳି ଖାଦ୍ୟ ନିରାପତ୍ତା କମିଶନର ଓ ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମର ପରିଚାଳନା ନିର୍ଦ୍ଦେଶିକା ଭାବେ ଅତିରିକ୍ତ ଦାୟିତ୍ୱ ଜାରି ରଖିବେ ବୋଲି ଜଣାପଡ଼ିଛି।

## ଆକାଶଛୁଆଁ ପରିବା ଦର: ଅନ୍ୟ ରାଜ୍ୟ ଉପରେ ଅତ୍ୟଧିକ ନିର୍ଭରଶୀଳତା ମୁଖ୍ୟ କାରଣ

ଭୁବନେଶ୍ୱର, ୨୦/୭ (ନି.ପ୍ର): ବଜାରରେ ଏବେ ପରିବା କିଣିବାକୁ ଡର ଲାଗୁଛି । ହୁ ହୁ ହୋଇ ବଢ଼ି ଚାଲିଥିବା ପରିବା ଦର ସାଧାରଣ ଖାଉଟିଙ୍କ ପକେଟ୍‌କୁ ସିଧାସଳଖ ବାଧୁଛି । ବଜାରକୁ ଗଲେ ୫୦୦ ଟଙ୍କାରେ ମଧ୍ୟ ବ୍ୟାଗ୍ ପୂରୁନାହିଁ । ବାଇଗଣ ଓ ଭେଣ୍ଡି ଦର କିଲୋ ପିଛା ୮୦ ଟଙ୍କା ଟପିଥିବା ବେଳେ ବଜାରରେ ପ୍ରାୟ କୌଣସି ପରିବା ଦର ୫୦ ଟଙ୍କା ତଳକୁ ନାହିଁ । ତେବେ ପରିବା ଦରର ଏଭଳି ଅହେତୁକ ବୃଦ୍ଧି



ପଛରେ କେବଳ ଲଗାଣ ବର୍ଷା ଦାୟୀ ନୁହେଁ, ବରଂ ଏହା ପଛରେ ରହିଛି ଆଉ ଏକ ବଡ଼ କାରଣ । ତାହା ହେଉଛି ରାଜ୍ୟରେ ପର୍ଯ୍ୟାପ୍ତ ପରିବା ଚାଷର ଘୋର ଅଭାବ ଏବଂ ପଡ଼ୋଶୀ ତଥା ଦୂର ରାଜ୍ୟଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳତା । ◆◆ପୃଷ୍ଠା ୭

## ଆଣ୍ଡି ବର୍ଣ୍ଣହାମ ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦/୭ : ବ୍ରିଟେନରେ ସୋମବାର କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଆଣ୍ଡି ବର୍ଣ୍ଣହାମ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଲେବର୍ ପାର୍ଟିର ନେତା ଭାବେ ନିର୍ବାଚିତ ହେବା ପରେ ସେ ରାଜା ଚାର୍ଲସ ତୃତୀୟଙ୍କ ସହ ସାକ୍ଷାତ୍ କରି ସରକାର ଗଠନର



ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ଗ୍ରହଣ ପରେ ପୂର୍ବତନ ମଞ୍ଚେଷ୍ଟର ମେୟର ଆଣ୍ଡ୍ର୍ୟୁ (ଆଣ୍ଡି) ବର୍ଣ୍ଣହାମ କହିଛନ୍ତି, ଦେଶର ଅର୍ଥନୀତିକୁ ଗତିଶୀଳ କରିବା, ଜୀବନଯାପନ ଖର୍ଚ୍ଚ ହ୍ରାସ, ଗୃହହୀନ ସମସ୍ୟାର ସମାଧାନ ଓ ଆଞ୍ଚଳିକ ବିକାଶକୁ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେବ। ◆◆ପୃଷ୍ଠା ୭

## ଭୂସ୍ଖଳନ ପରେ ଦେହରାଦୁନ-ମସୂରୀ ରାସ୍ତା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ

ନୂଆଦିଲ୍ଲୀ,୨୦/୭ : ଲଗାତାର ପ୍ରବଳ ବର୍ଷା କାରଣରୁ ଦେହରାଦୁନ-ମସୂରୀ ରାସ୍ତାର ଡୁମ ଗାଁ (ଝଡ଼ିପାଣି) ଅଂଚଳରେ ଘଟିଥିବା ଭାରି ଭୂସ୍ଖଳନ ପରେ ପ୍ରଶାସନ ସୁରକ୍ଷା ଦୃଷ୍ଟିରୁ ଏହି ରାସ୍ତାକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ କରିଦେଇଛି। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ମସୂରୀ ରୋଡର ଡୁମ ଗାଁ ନିକଟରେ ପାହାଡ଼ରୁ ଭାରି ପରିମାଣରେ ମାଟି ଓ ବଡ଼ ପଥର (ବୋଲ୍ଡର) ଖସିପଡ଼ିବାରୁ ସଡ଼କର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ତତକ୍ଷଣାତ ସମସ୍ତ ପ୍ରକାର ଯାତାୟାତକୁ ବନ୍ଦ କରିଛି। ◆◆ପୃଷ୍ଠା ୭

## ନିଟ୍ ପ୍ରସଙ୍ଗରେ ରଣକ୍ଷେତ୍ର ପାଲଟିଲା ରାଜଧାନୀ: ସିଜେପିର 'ସଂସଦ ଚାଲ' ଅଭିଯାନରେ ଖଣ୍ଡଯୁଦ୍ଧ, ପୁଲିସର ଲାଠିମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ

ନୂଆଦିଲ୍ଲୀ,୨୦/୭ : ଆଜି ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଦେଶର ରାଜଧାନୀ ଦିଲ୍ଲୀ ଏକ ପ୍ରକାର ରଣକ୍ଷେତ୍ରରେ ପରିଣତ ହୋଇଛି । ନିଟ୍ ୟୁଜି ପ୍ରଶ୍ନପତ୍ର ପ୍ରଘଟ (ଲିକ୍) ମାମଲାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରି 'କୋକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଆଜି 'ସଂସଦ ଚାଲ' ଅଭିଯାନର ଡାକରା ଦିଆଯାଇଥିଲା। ଏହି ପ୍ରତିବାଦରେ ହଜାର ହଜାର ସଂଖ୍ୟାରେ ଯୁବକ



ଓ ଛାତ୍ରଛାତ୍ରୀ ଯନ୍ତର ମନ୍ତରଠାରୁ ବାହାରି ସଂସଦ ଭବନ ଅଭିମୁଖେ ଏକ ବିଶାଳ ଶୋଭାଯାତ୍ରାରେ ମାଡ଼ି ଚାଲିଥିଲେ । ପୁଲିସର କଡ଼ା ବାରଣ ସତ୍ତ୍ୱେ ଆନ୍ଦୋଳନକାରୀମାନେ ଅଟକି ନଥିଲେ, ଯାହା ଫଳରେ ରାସ୍ତା ଉପରେ ଏକ ବଡ଼ ଧରଣର ହିଂସାକାଣ୍ଡ ଘଟିଛି । ଆନ୍ଦୋଳନକାରୀମାନେ ଯେତେବେଳେ ପୁଲିସର ସୁରକ୍ଷା ବଳୟ ଓ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଚେଷ୍ଟା କରିଥିଲେ, ◆◆ପୃଷ୍ଠା ୭


ସାଗରିକା
ଧ୍ୱନି ପ୍ରତିଧ୍ୱନି
ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୬
ଅବଗଣନା
୦୬ ଦିନ ବାକି
ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ ।
ସମସ୍ତଙ୍କୁ ସାଦର ଆମନ୍ତ୍ରଣ ।
୨୬ ଜୁଲାଇ, ୨୦୨୬, ରବିବାର ପୂର୍ବାହ୍ନ @ ୯ ଘଟିକା
ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

## ଜଳସ୍ତର ହ୍ରାସ ପରେ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ର ବନ୍ଦ : ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ପ୍ରାଥମିକତା, ଓଏଚପିସିକୁ ଜଳ ଯୋଗାଣ ବନ୍ଦ

ମାଲକାନଗିରି,୨୦/୦୭ (ନି.ପ୍ର): ବାଲିମେଳା ଜଳଭଣ୍ଡାରରେ ଜଳସ୍ତର ଆଶଙ୍କାଜନକ ଭାବେ ହ୍ରାସ ପାଇଥିବାରୁ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ଦୃଷ୍ଟିରେ ରଖି ଓଡ଼ିଶା ଜଳସମ୍ପଦ ବିଭାଗ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି)କୁ ଜଳ ଯୋଗାଣ ବନ୍ଦ କରିଛି। ଏହା ଫଳରେ ଶନିବାର ରାତିଠାରୁ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ ବିଦ୍ୟୁତ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିବ। ପୋଟେରୁ ସେଚ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ବାଲିମେଳା ଜଳାଶୟର ଜଳସ୍ତର ବର୍ତ୍ତମାନ ୧,୪୫୫.୬୦ ଫୁଟ୍‌ରେ ପହଂଚିଛି, ଯେଉଁଥିରେ ପୂର୍ଣ୍ଣ ଜଳାଶୟ ସ୍ତର ୧,୫୧୬ ଫୁଟ୍ ରହିଛି। ଲାଇଭ୍ ଷ୍ଟୋରେଜ୍ ୧୩.୧୩ ପ୍ରତିଶତକୁ ଖସିଥିବାବେଳେ ଗତବର୍ଷ ଏହି ସମୟରେ ଏହା ୧୯.୯୪ ପ୍ରତିଶତ ଥିଲା। ଚଳିତ ବର୍ଷ ଜଳାଶୟ କ୍ୟାଚମେଂଟ ଅଂଚଳରେ ମାତ୍ର ୫୧୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଗତବର୍ଷ ଏହି ସମୟରେ ୭୭୮ ମିଲିମିଟର ବର୍ଷା ହୋଇଥିବାରୁ ଏବେ ୨୫୯ ମିଲିମିଟର ବର୍ଷା କମ ହୋଇଛି । ଏଲ୍-ନିନୋ ପ୍ରଭାବ ଓ ଦୁର୍ବଳ ମୌସୁମୀ ବର୍ଷା ଏହାର ପ୍ରମୁଖ କାରଣ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜଳସମ୍ପଦ ବିଭାଗର ନିଷ୍ପତ୍ତି କ୍ରମେ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ଓଏଚପିସିକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଏପିଜେନକୋକୁ ମଧ୍ୟ ଜଳ ଯୋଗାଣ ସୀମିତ କରାଯାଇଛି। ଓଏଚପିସିର ସୁପରିଟେଣ୍ଡିଂ ଇଞ୍ଜିନିୟର ଦୁର୍ଗା ପ୍ରସାଦ ପଟ୍ଟନାୟକ କହିଛନ୍ତି, ଜଳାଶୟର ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିବ। ଅନ୍ୟପକ୍ଷରେ ବାଲିମେଳା ଜଳାଶୟର ଜଳସ୍ତର ସ୍ଥିର ରଖିବା ପାଇଁ ଜଳାପୁଟ ଜଳାଶୟରୁ ଅଧିକ ଜଳ ଛାଡ଼ିବାକୁ ଏପିଜେନକୋକୁ ଅନୁରୋଧ କରାଯାଇଛି । ବର୍ତ୍ତମାନ ୬୦୦ କ୍ୟୁସେକ୍ ଜଳ ଛଡ଼ାଯାଉଥିବା ବେଳେ ଏହାକୁ ୨,୦୦୦ କ୍ୟୁସେକ୍ ପର୍ଯ୍ୟନ୍ତ ବଢ଼ାଇବାର ଯୋଜନା ରହିଛି। ଜଳାଶୟର ଜଳସ୍ତର ସନ୍ତୋଷଜନକ ସ୍ଥିତିକୁ ଫେରିଲେ ପୁନର୍ବାର ଓଏଚପିସିରେ ଜଳବିଦ୍ୟୁତ ଉତ୍ପାଦନ ଆରମ୍ଭ ହେବ ବୋଲି ବିଭାଗ ସୂଚନା ଦେଇଛି।

## ହଷ୍ଟେଲ ଛାତ୍ରଙ୍କ ମୁଣ୍ଡରେ ପୋକ : ଜୀବନ ସହ ସଂଗ୍ରାମ କରୁଛି ଶିଶୁ : ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଅଭିଭାବକ

ଚମ୍ପୁଆ,୨୦/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଂଚାୟତର ବାସୁଦେବପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଜଣେ ପଂଚମ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡରେ ହୋଇଥିବା ସାମାନ୍ୟ କ୍ଷତ ଭୟଙ୍କର ସଂକ୍ରମଣର ରୂପ ନେବା ଘଟଣାରେ ପୀଡ଼ିତ ଛାତ୍ରଙ୍କ ପିତା ନ୍ୟାୟ ପାଇଁ କେନ୍ଦୁଝର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁଅର ଏହି ଅବସ୍ଥା ପାଇଁ ସେ ସ୍କୁଲ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ଦାୟୀ କରିଛନ୍ତି । ପୀଡ଼ିତ ଛାତ୍ର କପିଳେଶ୍ୱର ମୁଣ୍ଡାଙ୍କ ପିତା କାଳିଆ ମୁଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରୀଷ୍ମ ଛୁଟିରେ ପୁଅର ମୁଣ୍ଡରେ ଏକ ବ୍ରଣ ପରି ଘା ହୋଇଥିଲା । ସେ ପୁଅକୁ ଘରେ ରଖି ଚିକିତ୍ସା କରୁଥିଲେ । ତେବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାରମ୍ବାର ତାଙ୍କୁ ପୁଅକୁ ଆଣି ହଷ୍ଟେଲରେ ଛାଡ଼ିବା ପାଇଁ ଫୋନ କରିବାରୁ ସେ ପୁଅକୁ ଆଣି ହଷ୍ଟେଲରେ ଛାଡ଼ିବା ସହ ପୁଅର ଅବସ୍ଥା ବିଷୟରେ ଅବଗତ କରିଥିଲେ। ସେତେବେଳେ ପ୍ରଧାନଶିକ୍ଷକ ନିଜେ ଦାୟିତ୍ୱ ନେଇ ପିଲାକୁ ହସ୍ପିଟାଲ ନେବା ସହ ଚିକିତ୍ସା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଦୁର୍ଭାଗ୍ୟର ବିଷୟ, ହଷ୍ଟେଲରେ ରହିବାର ୧୫ ଦିନ ବିତି ଯାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ପିଲାର ଚିକିତ୍ସା କରାଇ ନଥିଲେ। ଚିକିତ୍ସାରେ ଅବହେଳା ଯୋଗୁଁ ଛାତ୍ରଙ୍କ ମୁଣ୍ଡରେ ଥିବା କ୍ଷତ ସଂକ୍ରମିତ ହୋଇ ପୂଜ ବାହାରିବା ସହ ପୋକ ହୋଇଯାଇଛି। ସ୍ଥିତି ଏତେ ଗୁରୁତର ଯେ, ପୋକ ଗୁଡ଼ିକ ମୁଣ୍ଡର ଖପୁରୀ ଭେଦ କରି ମସ୍ତିଷ୍କ ପର୍ଯ୍ୟନ୍ତ ସଂକ୍ରମଣ କରିଥିବା ଡାକ୍ତର ସୂଚନା ଦେଇଛନ୍ତି। ବର୍ତ୍ତମାନ ପିଲାଟି ମୃତ୍ୟୁ ସହ ସଂଗ୍ରାମ କରୁଛି । ଏଭଳି ଦାୟିତ୍ୱହୀନତା ପାଇଁ ପ୍ରଧାନ ଶିକ୍ଷକ ଓ ହଷ୍ଟେଲ ପରିଚାଳନାରେ ଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୀଡ଼ିତ ପରିବାର କେନ୍ଦୁଝର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜଣେ ଗରିବ ଆଦିବାସୀ ପିଲାର ଜୀବନ ସହ ଖେଳ ଖେଳିଥିବା ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମନ୍ଦିର ଶୁଭ କୁମ୍ଭ ଭରଣ ଉତ୍ସବ ଅନୁଷ୍ଠିତ

ନୂଆପଡ଼ା,୨୦/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମ ଠାରେ ମନ୍ଦିରର କୁମ୍ଭ ଭରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଗାୟତ୍ରୀ ମନ୍ଦିର, ରାଧାକୃଷ୍ଣ ମନ୍ଦିର ସହ ଶ୍ରୀମହାକାଳ ମନ୍ଦିରର ଶୁଭ କୁମ୍ଭ ଭରଣ ଉତ୍ସବ ବୈଦିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ଓ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ। ଜିଲ୍ଲାପାଳ ମଧୁସୁଦନ ଦାସ, ପୂର୍ବତନ ବିଧାୟକ ହିତେଶ ବଗର୍ତି, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନନ୍ଦ ମଧ୍ୟ ସାମିଲ ହୋଇଥିଲେ।

## ପ୍ରତ୍ୟେକ ସାମରିକ ଅପରେସନ ଭବିଷ୍ୟତ ପାଇଁ ଏକ ନୂଆ ଶିକ୍ଷା: ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ପପାଣ୍ଡେ

ନୂଆଦିଲ୍ଲୀ,୨୦/୦୭: ଜାତୀୟ ସୁରକ୍ଷା ଏବଂ ଅର୍ଥନୈତିକ ଶକ୍ତିକୁ ଭାରତର ଭବିଷ୍ୟତର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଧାର ବୋଲି ବର୍ଣ୍ଣନା କରି ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ପପାଣ୍ଡେ କହିଛନ୍ତି ଯେ ନିକଟ ଅତୀତରେ ଭାରତ ଏହାର ରଣନୈତିକ ସାମର୍ଥ୍ୟରେ ଉଲ୍ଲେଖନୀୟ ଅଗ୍ରଗତି କରିଛି, କିନ୍ତୁ ଭବିଷ୍ୟତର ଆହ୍ୱାନର ମୁକାବିଲା ପାଇଁ ପ୍ରତିରକ୍ଷା ପ୍ରସ୍ତୁତିକୁ ନିରନ୍ତର ମଜବୁତ କରିବାର ଆବଶ୍ୟକତା ରହିଛି। ଅପରେସନ ସିନ୍ଦୁର ବିଷୟରେ ଉଲ୍ଲେଖ କରି ସେ କହିଥିଲେ ଯେ ପ୍ରତ୍ୟେକ ସାମରିକ ଅପରେସନ ଭବିଷ୍ୟତ ପାଇଁ ନୂଆ ଶିକ୍ଷା ଦେଇଥାଏ। ଏହି ଅଭିଜ୍ଞତା ଆଧାରରେ ସଶସ୍ତ୍ର ବାହିନୀର ରଣକୌଶଳକୁ ଆହୁରି ସୁଦୃଢ଼ କରାଯିବା ଉଚିତ।

ଶନିବାର ବିଳମ୍ବିତ ସନ୍ଧ୍ୟାରେ କୋଲକାତାର ମ୍ୟାରିଅଟ୍ ଦ୍ୱାରା ଫେୟାରଫିଲ୍ଡରେ ଭାୟାନା ଜିଓ-ଇକୋନୋମିକ୍ ଫୋରମ୍ (ଭିଜିଇଏଫ୍) ଦ୍ୱାରା ଆୟୋଜିତ 'ଉଦୀୟମାନ ବିଶ୍ୱ ଶୃଙ୍ଖଳାରେ ଜାତୀୟ ସୁରକ୍ଷା ଏବଂ ଅର୍ଥନୈତିକ ନମନୀୟତା: ଏକ ବିକଶିତ ଭାରତର ରଣନୈତିକ ପ୍ରାଥମିକତା' ଉପରେ ଉଦଘାଟନୀ ଜାତୀୟ ସେମିନାରରେ ଦେଶର ଅଗ୍ରଣୀ ସାମରିକ ଅଧିକାରୀ, ରଣନୈତିକ ବିଶେଷଜ୍ଞ, ଅର୍ଥନୀତିଜ୍ଞ, ଶିଳ୍ପ ପ୍ରତିନିଧି ଏବଂ ପୁଞ୍ଜି ବଜାର ବିଶେଷଜ୍ଞମାନେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେଫ୍ଟନାଂଟ ଜେନେରାଲ ଗମ୍ଭୀର ସିଂହ, ଚିଫ୍ ଅଫ୍ ଷ୍ଟାଫ୍, ଇଷ୍ଟର୍ଣ୍ଣ କମାଣ୍ଡ, ବ୍ରିଗେଡିୟର୍ ଆଦିତ୍ୟ ସହାୟଙ୍କ ସମେତ ଅନେକ ବରିଷ୍ଠ ସାମରିକ ଅଧିକାରୀ, ପୂର୍ବତନ ସୈନିକ, ଶିଳ୍ପପତି ଏବଂ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗ ଦେଇଥିଲେ। ସେମିନାରର ଉଦାପନୀ ଅଧିବେଶନରେ ଉଦବୋଧନ ଦେଇ ଜେନେରାଲ ମନୋଜ ପପାଣ୍ଡେ କହିଛନ୍ତି ଆଜି ବିଶ୍ୱ ଦ୍ରୁତ ଗତିରେ ବଦଳୁଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଡ୍ରୋନ୍, ସାଇବର ଯୁଦ୍ଧ, ମହାକାଶ ଭିତ୍ତିକ ତଦାରଖ ବ୍ୟବସ୍ଥା ଏବଂ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଯୁଦ୍ଧର ସମ୍ପୂର୍ଣ୍ଣ ପ୍ରକୃତିକୁ ବଦଳାଇ ଦେଇଛି। ଏଭଳି ସମୟରେ କେବଳ ପାରମ୍ପରିକ ସାମରିକ ଶକ୍ତି ଯଥେଷ୍ଟ ହେବ ନାହିଁ, ବରଂ ନୂତନ ପ୍ରଯୁକ୍ତିବିଦ୍ୟାକୁ ତ୍ୱରାନ୍ୱିତ କରିବା ଏବଂ ସେଗୁଡ଼ିକୁ ସାମରିକ କାର୍ଯ୍ୟାନୁଷ୍ଠାନର ଅଂଶବିଶେଷ କରିବା ମଧ୍ୟ ସେତିକି ଆବଶ୍ୟକ। ସେ କହିଥିଲେ ଯେ ଭବିଷ୍ୟତର ଯୁଦ୍ଧ ବହୁମୁଖୀ ହେବ, ଯେଉଁଥିରେ ସ୍ଥଳ, ସମୁଦ୍ର ଏବଂ ବାୟୁ ସହିତ ସାଇବର ଏବଂ ମହାକାଶ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ତେଣୁ ଭାରତୀୟ ସଶସ୍ତ୍ର ବାହିନୀକୁ ଏହି ସମସ୍ତ କ୍ଷେତ୍ରରେ ସମନ୍ୱିତ ସାମର୍ଥ୍ୟ ବିକାଶ କରିବାକୁ ପଡ଼ିବ। ସେ କହିଥିଲେ ଯେ ସୈନିକମାନଙ୍କ ପ୍ରଶିକ୍ଷଣ, ଆଧୁନିକ ଅସ୍ତ୍ରଶସ୍ତ୍ରର ଉପଲବ୍ଧତା, ବୈଷୟିକ ଦକ୍ଷତା ଏବଂ ତ୍ୱରିତ ନିଷ୍ପତ୍ତି ନେବାର କ୍ଷମତା ଉପରେ ବିଶେଷ ଧ୍ୟାନ ଦେବାକୁ ପଡ଼ିବ, ଯାହାଦ୍ୱାରା ଯେକୌଣସି ଆହ୍ୱାନର ଫଳପ୍ରଦ ମୁକାବିଲା କରାଯାଇପାରିବ। ପୂର୍ବତନ ସେନା ମୁଖ୍ୟ କହିଛନ୍ତି ଯେ ଆଧୁନିକ ଯୁଦ୍ଧରେ ଟେକ୍ନୋଲୋଜିର ଭୂମିକା କ୍ରମାଗତ ଭାବରେ ବୃଦ୍ଧି ପାଉଛି କିନ୍ତୁ ଆଜି ମଧ୍ୟ ଜଣେ ସୈନିକଙ୍କ ସବୁଠାରୁ ବଡ ଶକ୍ତି ହେଉଛି ତାଙ୍କର ଶୃଙ୍ଖଳା, ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ, ସଚ୍ଚୋଟତା, ସାହସ ଏବଂ ବିବେକ । ଏଗୁଡ଼ିକ ହେଉଛି ମୂଲ୍ୟବୋଧ ଯାହା କୌଣସି ଯୁଗରେ ବଦଳି ନଥାଏ ଏବଂ ଭାରତୀୟ ସେନାର ପରିଚୟ।

## ରାଜ୍ୟ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୦/୦୭ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦେଶବାସୀଙ୍କ ହୃଦୟକୁ ଛୁଇଁ ପାରିଛି । ଦେଶବାସୀଙ୍କ ସହ ସିଧାସଳଖ ଯୋଡ଼ି ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ୨୦୧୪ ଅକ୍ଟୋବର ୩ରେ ଏକ ଐତିହାସିକ ପ୍ରୟାସ ଆରମ୍ଭ କରିଥିଲେ। ବିଶ୍ୱର ଏକମାତ୍ର ରାଷ୍ଟ୍ର ମୁଖ୍ୟଭାବେ ନିରବଚ୍ଛିନ୍ନ ଭାବେ ଗତ ୧୨ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମର ସେ ୧୩୫ଟି ସଂସ୍କରଣ ଶେଷ କରିଛନ୍ତି । ପ୍ରତି ମାସର ଶେଷ ରବିବାର ପୂର୍ବାହ୍ନ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ରେଡିଓ, ଦୂରଦର୍ଶନ ଜରିଆରେ କଥା ହୋଇଥାନ୍ତି । ଚଳିତ ମାସ ଜୁଲାଇ ୨୬ ତାରିଖରେ ୧୩୬ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ମୋଦିଜୀ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ହୋଇଥିବା ଏହି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆଜି ଆନ୍ଦୋଳନରେ ପରିଣତ ହୋଇଛି । 'ମନ୍ କି ବାତ୍' ଦେଶବାସୀଙ୍କ ଠାରୁ ଆରମ୍ଭ କରି ପ୍ରବାସୀ ଭାରତୀୟ ତଥା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା ଆଦୃତ ହେବା ସହ ସର୍ବବ୍ୟାପୀ, ସର୍ବସ୍ପର୍ଶୀ ଓ ସର୍ବସମାବେଶୀ ହୋଇପାରିଛି । ଏହି କାର୍ଯ୍ୟକ୍ରମ ସବୁ ବିଷୟ ଉପରେ ପର୍ଯ୍ୟବେଶିତ ଯାହା ମାଧ୍ୟମରେ ମୋଦିଜୀ ତଳସ୍ତରରେ ଅସାଧାରଣ କାମ କରୁଥିବା ବ୍ୟକ୍ତି ବିଶେଷ ତଥା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିଥାନ୍ତି । କେବଳ ସେତିକି ନୁହେଁ, ମୋଦିଜୀ ସାମାଜିକ ସମସ୍ୟା ସମ୍ପର୍କରେ ବି ଚର୍ଚ୍ଚା ଆଲୋଚନା କରିବା ସହ ସାରା ଦେଶକୁ ସାଙ୍ଗରେ ନେଇ ଚାଲିବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହି ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ସାଧାରଣ ଲୋକଙ୍କ କୃତୀତ୍ୱକୁ ମୋଦିଜୀ ବହୁବାର ଦେଶର ୧୪୦ କୋଟି ଜନତାଙ୍କ ସମ୍ମୁଖକୁ ଆଣି ଓଡ଼ିଶାବାସୀଙ୍କୁ ଗୌରବାନ୍ୱିତ କରିଛନ୍ତି । ଏହି ଲୋକପ୍ରିୟ କାର୍ଯ୍ୟକ୍ରମ ରାଜ୍ୟର ଘରେ ଘରେ ପଂହଚାଇବାକୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ଆହ୍ୱାନ ଦେଇଥିଲେ। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ମନ୍ କି ବାତ୍ ରାଜ୍ୟସ୍ତରୀୟ କର୍ମଶାଳା'ରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କେ.ଭି.ସିଂହଦେଓ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ଶ୍ରୀ ମାନସ ମହାନ୍ତି, କନ୍ଧମାଳ ସାଂସଦ ତଥା 'ମନ୍ କି ବାତ୍' କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଶ୍ରୀ ସୁକାନ୍ତ ପାଣିଗ୍ରାହୀ, ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ, କଳାହାଣ୍ଡି ସାଂସଦ ଶ୍ରୀମତୀ ମାଳବିକା ଦେବୀ, ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ବିଧାୟକ ଶ୍ରୀ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ସୀମାଂଚଳ ଖଟେଇ, ରାଜ୍ୟ ସମ୍ପାଦିକା ଶ୍ରୀମତୀ ମମତା ସିଂ, ରାଜ୍ୟ ମୁଖପାତ୍ର ଶ୍ରୀ ତେଜେଶ୍ୱର ପରିଡା, ବରିଷ୍ଠ ନେତା ଶ୍ରୀ ଠାକୁର ରଞ୍ଜିତ ଦାସଙ୍କ ସମେତ ସମସ୍ତ ଜିଲ୍ଲା ଏବଂ ନିର୍ବାଚନମଣ୍ଡଳୀର 'ମନ୍ କି ବାତ୍' ସଂଯୋଜକମାନେ ଯୋଗଦେଇଥିଲେ ।

## ଜୟପୁର ସ୍ୱତନ୍ତ୍ର କାରାଗାରରେ ବିଚାରାଧିନ ୨ ବନ୍ଦୀ କଲେ ବିବାହ

ଜୟପୁର,୨୦/୦୭ (ନି.ପ୍ର): ଜୟପୁର ସ୍ୱତନ୍ତ୍ର କାରାଗାରରେ ବିଚାରାଧିନ ୨ ବନ୍ଦୀ କଲେ ବିବାହ । ମଣିଷ ଭୁଲ୍ କରେ ସମାଜର ନିତି ନିୟମ ଭାଙ୍ଗେ ଓ ଆଇନ ଜାଲରେ ଛନ୍ଦି ହୋଇ ଜେଲକୁ ଆସେ । ଆଇନର ପରିସରର ମଧ୍ୟରେ ଜେଲ କୁ ଆସିବା ହିଁ ଏକ ଦଣ୍ଡ । ମାତ୍ର ତଥାପି ଆଇନ ଅବମାନନାକାରୀଙ୍କୁ ଆଇନ ଏକ ସୁଯୋଗ ଦିଏ ଚରିତ୍ରରେ ସୁଧାର ପାଇଁ । ଏହି ପରିପ୍ରେକ୍ଷୀରେ ଜେଲ୍ ହେଉଛି ଏକ ସୁଧାର କେନ୍ଦ୍ର । ବର୍ତ୍ତମାନ ସୁପ୍ରିମକୋର୍ଟ ଓ କେନ୍ଦ୍ର ସରକାରିଙ୍କ ଗୃହ ମନ୍ତ୍ରଣାଳୟର ଆଦେଶ କ୍ରମେ ଓଡିଶା ସମେତ ସମଗ୍ର ଭାରତ ବର୍ଷରେ ଜେଲ ମାନେ ଏକ ଏକ ସୁଧାର କେନ୍ଦ୍ର ପାଲଟି ଯାଇଛନ୍ତି । ଏହି କ୍ରମରେ ଆଜି ସ୍ୱତନ୍ତ୍ର କାରାଗାର ଜୟପୁର ଇତିହାସରେ ସୁଧାର କାର୍ଯ୍ୟକ୍ରମରେ ଆଉ ଏକ ଫର୍ଦ ଯୋଡି ହୋଇଯାଇଛି । ଏକ ଅନୈତିକ ଆର୍ଥିକ ହେରଫେର ମାମଲାରେ ଜୟପୁର ଜେଲରେ ବନ୍ଦୀ ଜୀବନ ବିତାଉଥିବା ୨ ଜଣ ବିଚାରାଧିନ ବନ୍ଦୀ ଆଜି ବିବାହ ବନ୍ଧନରେ ବାନ୍ଧି ହୋଇ ଜୀବନ ସାଥି ହୋଇ ଯାଇଛନ୍ତି । ସୂଚନା ଥାଉକି, ବିଚାରାଧିନ ବନ୍ଦୀ ନୃସିଂହ ଖମାରି ଓ ଅନାମିକା ଜେଲ ଆସିବା ପୂର୍ବରୁ ଉଭୟଙ୍କୁ ଭଲ ପାଉଥିଲେ । ଏବଂ ଉଭୟଙ୍କ ବିବାହ ନିମନ୍ତେ ନିର୍ବନ୍ଧ ମଧ୍ୟ ସରିଥିଲା । ମାତ୍ର କୋରାପୁଟ ଭିଜିଲାନ୍ସ କୋର୍ଟ ପାଖରେ ଦାଖଲ ଏକ ମାମଲାରେ ଉଭୟ ଛନ୍ଦି ହୋଇଥିବାରୁ ବିବାହ କରି ପାରି ନଥିଲେ । ବିଚାର ପକ୍ରିୟାର ବିଳମ୍ବିତ କୁ ଦେଖି ଉଭୟ କାରାଧିକ୍ଷକଙ୍କୁ ଜେଲ ଭିତରେ ବିବାହ କରିବାକୁ ଇଛା ଜଣାଇଥିଲେ । ଯାହାକୁ କାରାଧିକ୍ଷକ ହୃଦୟର ସହ ଗ୍ରହଣ କରି ଭିଜିଲାନ୍ସ କୋର୍ଟଙ୍କ ଅନୁମତି ପାଇଁ ପ୍ରାର୍ଥନା କରିଥିଲେ । କୋର୍ଟ ଏଥି ନିମନ୍ତେ ଅନୁମତି ପ୍ରଦାନ ପରେ ପୁନଃ କାରା ମହାନିର୍ଦ୍ଦେଶକ ଓଡିଶାଙ୍କ ଅନୁମତି ପାଇଁ ଜଣାଇଥିଲେ । କାରାଗାର ମହାନିର୍ଦ୍ଦେଷାଳୟ ମଧ୍ୟ ଏଥିପାଇଁ ଅନୁମତି ପ୍ରଦାନ ପରେ ଆଜି ଜୟପୁର ସ୍ଥିତ ସ୍ୱତନ୍ତ୍ର କାରାଗାରରେ ଅନୁଷ୍ଠିତ ଏକ ଆଡମ୍ବର ପୁଣ୍ଡ ପରିବେଶରେ ଜେଲ କର୍ତ୍ତୃପକ୍ଷଙ୍କ ଅନୁରୋଧ ରକ୍ଷା କରି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ରହି ନବ ଦମ୍ପତିଙ୍କୁ ଆର୍ଶିବାଦ ପ୍ରଦାନ କରିଥିଲେ । ବିବାହ ପରେ ନବ ଦମ୍ପତିଙ୍କୁ ସେ କିଛି ଉପହାର ସହ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ । ସମଗ୍ର ଆୟୋଜନ ଓ ବିବାହ ଅନୁଷ୍ଠାନକୁ କାରାଧିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ସହକାରି କାରପାଳ ଅକ୍ଷୟ ନାୟକ, ମକସୁଦ ଖାନ, ଉପ ସହକାରି କାରାପାଳ ବଣ୍ଡବ ଗୋମାଙ୍ଗ, ଯମାଦାର କାମିନି ମାଝୀ, ବିଶେଶ୍ୱର ମୁର୍ମୁ, ଗଦାଧର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ । ଅନ୍ତେବାସୀ ଓ କର୍ମଚାରିଙ୍କୁ ନେଇ ଭୋଜିର ଆୟୋଜନ କରାଯାଇଥିଲା ।

## ବୀମା ଓ ବୈଧ ଫିଟନେସ୍ ନଥାଇ ଚାଲିଛି ମାଳମାଳ ଅଟୋ, ଆରଟିଓଙ୍କ କାର୍ଯ୍ୟାନୁଷ୍ଠାନ କେବେ ?

ଜୟପୁର,୨୦/୦୭ (ନି.ପ୍ର): କୋରାପୁଟ ଜିଲ୍ଲାରେ ଫିଟନେସ, ଇନ୍ସୁରାନ୍ସ ନଥାଇ ଚାଲିଛି ବହୁ ସଂଖ୍ୟାରେ ଅଟୋ । ଛାତ୍ରଛାତ୍ରୀ ଏବଂ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଅବହେଳା କରି ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଅଟୋ ଚାଲିଛି । ଜୟପୁର ସହର ଏବଂ ଆଖପାଖ ଅଂଚଳରେ ଥିବା ସରକାରୀ ଏବଂ ବେସରକାରୀ ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ରୀ ଅଟୋରେ ସ୍କୁଲ ଯିବାଆସିବା କରୁଛନ୍ତି । ଅଧିକାଂଶ ଡ୍ରାଇଭରଙ୍କ ଲାଇସେନ୍ସ ନାହିଁ । ଅଟୋରେ ମାତ୍ରାଧିକ ସ୍କୁଲ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି । ଗୋଟିଏ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ସ୍କୁଲ ଛାତ୍ର ଛାତ୍ରୀ ଅସୁରକ୍ଷିତ ଭାବେ ଯାଉଛନ୍ତି । ସେହିପରି କୋରାପୁଟ ଜିଲାର ବିଭିନ୍ନ ହାଟକୁ ବ୍ୟବସାୟୀ ଏବଂ ଚାଷୀ ଅଟୋରେ ଯିବା ଆସିବା କରୁଛନ୍ତି । ଗୋଟିଏ ଅଟୋରେ ୧୦ରୁ ଉର୍ଦ୍ଧ୍ୱ ଲୋକ ନିଜ ଜିନିଷପତ୍ର ସହ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି । ଅଟୋ ଗୁଡିକର ଫିଟନେସ, ଇନ୍ସୁରାନ୍ସ, ପଲ୍ୟୁସନ ନ ଥାଇ ବର୍ଷ ବର୍ଷ ଧରି ରାସ୍ତାରେ ଗଡୁଛି । ଅଟୋ ଚାଳକର ବେପରୁଆ ଗାଡି ଚାଳନା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଦୁର୍ଘଟଣାରେ ମୃତାହତଙ୍କୁ ଇନସୁରାନ୍ସ ବାବଦ ଅର୍ଥ ମିଳୁନାହିଁ । ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି ।ସଡକରେ ଅନ୍ୟ ବ୍ୟବହାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡି ଗୁଡିକର ପଞ୍ଜିକରଣ ସାର୍ଟିଫିକେଟ ରଦ୍ଦ ପାଇଁ ପଦକ୍ଷେପ ନିଆଯିବ, ଫିଟନେସ୍ ନଥିଲେ ଗାଡି ସିଜ୍ ହେବ । କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଗାଡି ଜବତ୍ କରିବା ଓ ମାମଲା ରୁଜୁ କରିବା ଭଳି କଠୋର ନିୟମ ରହିଛି । ବୈଧ ଫିଟନେସ ଓ ପଞ୍ଜିକରଣ ସାର୍ଟିଫିକେଟ ବିନା ଚାଲୁଥିବା ଗାଡି ଦୁର୍ଘଟଣାଗ୍ରସ୍ତ ହେଲେ ବୀମା କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ ତେଣୁ ସଡକ ସୁରକ୍ଷା ଦୃଷ୍ଟିକୋଣରୁ ଆଇନ ଉଲ୍ଲଂଘନକାରୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା କିନ୍ତୁ ତାହା ପାଳନ କରାଯାଉ ନାହିଁ । ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ପରିବହନ କରୁଥିବା ଅଟୋ, ବସ ଓ ଅନ୍ୟାନ୍ୟ ଗାଡି କ୍ଷେତ୍ରରେ ଆହୁରି ଅଧିକ କଠୋରତାର ସହ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହୋଉଛି ।

## ଫାସଡରେ ସାଂସ୍କୃତିକ ସଭା : ଜଗନ୍ନାଥଙ୍କ ଯାତ୍ରା ଆମ ଭିତରେ ଏକତା ସୃଷ୍ଟି କରୁ - ନରସିଂହ

ବଲାଙ୍ଗିର,୨୦/୦୭ (ନି.ପ୍ର): ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଫାସଡ ଠାରେ ରଥଯାତ୍ରା ସମ୍ବନ୍ଧୀୟ ଏକ ସାଂସ୍କୃତିକ - ସାମାଜିକ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି । ଏଠାରେ ସୂଚନାଯୋଗ ଯେ, ଗତ ୫ ବର୍ଷ ହେଲା ସକମା ଠାରେ ରଥଯାତ୍ରାର ଆୟୋଜନ ହୋଇଥାଏ । ଏଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ରଥ ଦ୍ୱିତୀୟାର ଦୁଇ ଦିନ ପରେ ସକମା ଠାରେ ରଥାରୂଢ ହୋଇ ଫାସଡ ଗ୍ରାମରେ ଥିବା ମାଉସୀ ମା ମନ୍ଦିରକୁ ବିଜେ କରିଥାନ୍ତି । ପରମ୍ପରା ମୁତାବକ ଫାସଡ ଠାରେ ଖଲିଆପାଲି, ସକମା ଓ ମନହୀରା ପଂଚାୟତର ହଜାର ହଜାର ସଂଖ୍ୟାରେ ପୁରୁଷ ମହିଳା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଫାସଡ ଠାରେ ସ୍ୱାଗତ କରିଥାନ୍ତି । ଏଠାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଏ ଅଂଚଳର ସାଂସ୍କୃତି, ସାମାଜିକ ଓ ଦୈନନ୍ଦିନ ଜୀବନରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥାଏ । ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀ ମିଶ୍ର ଯୋଗଦେଇ ଏହି ଯାତ୍ରାରେ ସାମିଲ ହୋଇଥିବା ତିନି ଖଣ୍ଡ ପଂଚାୟତର ଆବାଳ, ବୃଦ୍ଧ ବନୀତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ ଏବଂ ଏହା ସହ ଉପସ୍ଥିତ ଲୋକଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ଶ୍ରୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ, ଏହି ମହାନ ଯାତ୍ରା ହେଉଛି ସମତା ଓ ଏକତାର ପ୍ରତୀକ । ଚତୁର୍ଦ୍ଧାମୂର୍ତ୍ତିଙ୍କ ଯାତ୍ରାରେ କେବଳ ଏଠି ନୁହେଁ ସାରା ବିଶ୍ୱରେ ପ୍ରତ୍ୟେକ ଜାତି, ଧର୍ମ, ବର୍ଣ୍ଣର ଲୋକେ ସାମିଲ ହୋଇ ଏକତାର ବାର୍ତ୍ତା ଦେଇଛନ୍ତି । ଏପରି ଏକତା ପ୍ରତ୍ୟେକ କ୍ଷେତ୍ରରେ ଜାରି ରହିଲେ ଅଂଚଳର ବିକାଶକୁ କେହି ରୋକିପାରିବେ ନାହିଁ ବୋଲି ଶ୍ରୀ ମିଶ୍ର କହିଥିଲେ। ସକମା ପଂଚାୟତର ସରପଂଚ ଉଗ୍ରେସନ ବରାଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେଉଥିବା ଏହି ଯାତ୍ରା ତଥା ସାଂସ୍କୃତିକ ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରୀୟବ୍ରତ ପଣ୍ଡା, ପ୍ରେମାନନ୍ଦ ବେହେରା, ବେଣୁଧର ନାଏକ, ବୁଢୁ ପ୍ରଧାନ, ହାଡୁ ସ୍ୱାଇଁ, ବିନୋଦ ବରାଡ, ପଦ୍ମନ ବରାଡ, ପର୍ଶୁରାମ ନାଏକ, ଧନୁ ସିଂହ, ଶୁଶିଲ ମହାକୁର, ସମିତି ସଭ୍ୟ ସଂଜିବ ପ୍ରଧାନ ପ୍ରମୁଖ ମଂଚାସିନ ଥିଲେ ।

## ବେଲପାହାଡ଼ ରେଳ ଓଭରବ୍ରିଜ୍ ପ୍ରକଳ୍ପ: ସଂଶୋଧିତ ଟେଣ୍ଡର ଜାରି, ଅଗଷ୍ଟ ୧୨ ପର୍ଯ୍ୟନ୍ତ ଆବେଦନ

ଝାରସୁଗଡ଼ା,୨୦/୦୭ (ନି.ପ୍ର): ବହୁ ଦିନର ଅପେକ୍ଷାରେ ଥିବା ବେଲପାହାଡ଼ ରେଳ ଓଭରବ୍ରିଜ୍ (ଆରଓବି) ପ୍ରକଳ୍ପର ନିର୍ମାଣ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟ ବିଭାଗ ପକ୍ଷରୁ ପୁଣିଥରେ ଟେଣ୍ଡର ସର୍ତ୍ତାବଳୀରେ ସଂଶୋଧନ କରାଯାଇଛି। ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ୍), ଓଡ଼ିଶାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସର୍ବଶେଷ ବିଜ୍ଞପ୍ତି ଅନୁଯାୟୀ, ଟେଣ୍ଡର ଦାଖଲର ଶେଷ ତାରିଖକୁ ଆସନ୍ତା ଅଗଷ୍ଟ ୧୨ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପ ପାଇଁ ପ୍ରଥମ ଟେଣ୍ଡର ବିଜ୍ଞପ୍ତି ଚଳିତ ବର୍ଷ ମେ' ୩୦ରେ ପ୍ରକାଶ ପାଇଥିଲା। ପରେ ଜୁନ୍ ୧୮ରେ ପ୍ରଥମ ସଂଶୋଧନ ଏବଂ ଜୁଲାଇ ୧୭ରେ ଦ୍ୱିତୀୟ ସଂଶୋଧନ ଜାରି କରାଯାଇ ଟେଣ୍ଡର ପ୍ରକ୍ରିୟାର କିଛି ସର୍ତ୍ତ ଓ ସମୟସୀମାରେ ପରିବର୍ତ୍ତନ କରାଯାଇଛି।

ବେଲପାହାଡ଼ ସହରର ଲେଭେଲ କ୍ରସିଂ ନଂ-୨୬୮ ନିକଟରେ ଝାରସୁଗୁଡ଼ା-ବେଲପାହାଡ଼ ରେଳପଥ ଉପରେ ପ୍ରସ୍ତାବିତ ଏହି ରେଳ ଓଭରବ୍ରିଜ୍ର ମୋଟ ଲମ୍ବ ୭୨୭.୮୦ ମିଟର ହେବ। ଏହା ସହ ୨୮୯.୪୪ ମିଟର ଲମ୍ବର ଆପ୍ରୋଚ୍ ରୋଡ୍ ନିର୍ମାଣ ମଧ୍ୟ କରାଯିବ। ପ୍ରକଳ୍ପ ପାଇଁ ପ୍ରାୟ ୮୪.୮୮ କୋଟି ଟଙ୍କା ବ୍ୟୟ ଧାର୍ଯ୍ୟ ହୋଇଥିବାବେଳେ ୩୦ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଝାରସୁଗୁଡ଼ା ରୋଡ୍ ଓ ବ୍ରିଜ୍ ଡିଭିଜନ ଅଧୀନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ସର୍ବଶେଷ ସଂଶୋଧନ ଅନୁସାରେ, ପ୍ରି-ବିଡ୍ ବୈଠକ ଜୁଲାଇ ୨୪ ତାରିଖ ଦିନ ୧୨ଟା ୩୦ ମିନିଟରେ ଅନୁଷ୍ଠିତ ହେବ। ଅନ୍ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ ଅଗଷ୍ଟ ୧୨ ସନ୍ଧ୍ୟା ୫ଟା ଧାର୍ଯ୍ୟ କରାଯାଇଥିବାବେଳେ ଟେକ୍ନିକାଲ୍ ବିଡ୍ ଅଗଷ୍ଟ ୧୩ ତାରିଖ ଅପରାହ୍ନ ୩ଟାରେ ଖୋଲାଯିବ। ବେଲପାହାଡ଼ର ରେଳ ଫାଟକରେ ବାରମ୍ବାର ଟ୍ରେନ୍ ଚଳାଚଳ ଯୋଗୁଁ ଦୀର୍ଘ ସମୟ ଧରି ଯାତାୟାତ ବାଧା ସୃଷ୍ଟି ହେଉଛି। ଏପରି ସ୍ଥିତିରେ ରେଳ ଓଭରବ୍ରିଜ୍ ନିର୍ମାଣ ହେଲେ ସହରରେ ଯାତାୟାତ ଅଧିକ ସୁଗମ ହେବା ସହ ଦୁର୍ଘଟଣାର ଆଶଙ୍କା କମିବ। ସେହିପରି ଶିଳ୍ପାଂଚଳ ସହ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଅଧିକ ସୁଦୃଢ଼ ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି।

## ଘରୋଇ ଗ୍ୟାସ୍‌ର ବ୍ୟବହାର ହୋଟେଲ୍ ଓ ଜଳଖିଆ ଦୋକାନରେ ବଢୁଛି

ଜୟପୁର,୨୦/୦୭ (ନି.ପ୍ର): ରାଜ୍ୟରେ ରନ୍ଧନ ଗ୍ୟାସର ଅଭାବ ଲାଗି ରହିଥିବା ବେଳେ ସାଧାରଣ ଉପଭୋକ୍ତାମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ଅପରପକ୍ଷରେ କୋରାପୁଟ ଜିଲାର ଜୟପୁର, ବୈପାରିଗୁଡା ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା ସହର ବଜାରର ରାସ୍ତାକଡରେ ଥିବା ଉଠା ଜଳଖିଆ ଦୋକାନ, ହୋଟେଲ୍, ବିବାହ ମଣ୍ଡପ ଗୁଡିକରେ ଘରୋଇ ଗ୍ୟାସ ବ୍ୟାପକ ବ୍ୟବହାର କରଯାଉଛି । ଏଥିପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି । ଅପରପକ୍ଷରେ ଗ୍ୟାସ ଡିପୋରେ ଗ୍ୟାସ ସିଲିଣ୍ଡର ମହଜୁଦ ନଥିବାରୁ ଉପଭୋକ୍ତାମାନଙ୍କର ଲମ୍ବା ଧାଡି ଲାଗୁଛି । ରାଜ୍ୟ ସରକାର ଗ୍ୟାସର କଳାବଜାରିକୁ ରୋକିବାରେ ବିଫଳ ହୋଇଛନ୍ତି । ସହର ଅଥବା ଗ୍ରାମାଂଚଳରେ ଥିବା ମଣ୍ଡପ ଗୁଡିକରେ ଏକାଧିକ ଘରୋଇ ଗ୍ୟାସ ସିଲିଣ୍ଡର ବିବାହ ଭୋଜିରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି । ହେଲେ ଯୋଗାଣ ବିଭାଗ ଜାଣି ଅଜଣା ରହୁଥିବା ଲକ୍ଷ୍ୟ କରାଯାଇଛି । ସାଧାରଣ ଲୋକ ହଇରାଣ ହେଉଥିଲା ବେଳେ କାହା ସ୍ୱାର୍ଥରେ ଯୋଗାଣ ବିଭାଗ ବେଆଇନ ସିଲିଣ୍ଡର ବ୍ୟବହାର କରୁଥିବା ଉଠା ଜଳଖିଆ ଦୋକାନ, ହୋଟେଲ, ମଣ୍ଡପ ଗୁଡିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାକୁ ନେଇ ପ୍ରଶ୍ନ ଉଠୁଛି ।

ପିଲାବେଳେ ପାଠ ବହିରେ ପଢି ଆସୁଥିଲେ 'ତଟକା ପରିବା ଖାଇବା ନିରୋଗ ଆମେ ରହିବା ।' ସବୁଜ ତଟକା ପରିବା ସ୍ୱାସ୍ଥ୍ୟ ପାଇଁ ଭାରି ଭଲ । ଭିଟାମିନରେ ଭରପୂର ପରିବା ଖାଇବା ପାଇଁ ଡ଼ାକ୍ତର ମଧ ପରାମର୍ଶ ଦେଇଥା'ନ୍ତି । ପ୍ରତିଟି ପରିବା ଦେହ ପାଇଁ ମହୌଷଧୀ ଭଳି କାମ କରିଥା'ନ୍ତି । ପରିବା ଭିତରେ ସଜନା ଛୁଇଁକୁ ଅଧିକ ପ୍ରାଧାନ୍ୟ ଦିଆଯାଏ । ସଜନା ଶାଗ ମଧ ଔଷଧୀୟ ଗୁଣରେ ଭରପୁର । ମୋରିଙ୍ଗା ପାଉଡର୍ କୁହାଯାଉଥିବା ସଜନା ଶାଗର ଗୁଣ୍ଡ ରୋଗୀମାନଙ୍କୁ ଖାଇବାକୁ ଦିଆଯାଏ । ଏହାର ବ୍ୟବହାର ଅନେକ ଔଷଧରେ ମଧ ହୋଇଥାଏ । କ୍ୟାଲସିୟମରେ ଭରପୂର ସଜନା ଛୁଇଁ ଛୋଟପିଲା ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଲାଭଦାୟକ ହୋଇଥାଏ ।




ଏହାଦ୍ୱାରା ହାଡ଼କୁ ମଜବୁତ ରଖେ । ଆୟୁର୍ବେଦର ଛାତ୍ର ଦର୍ଶନ ପଟେଲ୍ କୁହନ୍ତି ସଜନା ଛୁଇଁକୁ ଆୟୁର୍ବେଦରେ 'ଶିଗରୁ' ବୋଲି କୁହାଯାଏ । ସଜନା ଶାଗର ପତ୍ରରେ ମିନେରାଲ୍ସର ଗୁଣ ରହିଥାଏ ଏବଂ ଏହାର ଫୁଲ ମଧ ଶରୀର ପାଇଁ ଭାରି ଭଲ । ଏହାର ମଞ୍ଜି ଏବଂ ପତ୍ର ଭିଟାମିନ୍ ଏବଂ ମିଲେରାଲ୍ସରେ ଭରପୂର ଥାଏ । ଏଥିରେ ଭିଟାମିନ୍ ଇ, ଭିଟାମିନ୍ ଉ , ନିକୋଟେନିକ୍ ଏସିଡ୍ ଏବଂ ଏମିନୋ ଏସିଡ୍ ମଧ ମିଳିଥାଏ । ପୋଷକ ତତ୍ତ୍ୱ ଏବଂ ଖଣିଜ ପଦର୍ଥର ଗନ୍ତାଘର ହୋଇଥିବାରୁ ଏହାକୁ ସ୍ୱାସ୍ଥ୍ୟର ଗହଣା ବୋଲି ମଧ କୁହାଯାଏ । ସଜନା ଛୁଇଁରେ କ୍ୟାଲସିୟମ୍ , ମ୍ୟାଗ୍ନେସିୟମ୍ ଏବଂ ଆଇରନ୍ ଭଳି ତତ୍ତ୍ୱ ରହିଥାଏ ଯାହା ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଏହାଛଡ଼ା ଏଥିରୁ ମିଳୁଥିବା ଭିଟାମିନ୍ ସି ଇମ୍ୟୁନିଟି ସିଷ୍ଟମକୁ ମଧ ମଜବୁତ କରେ । ସଜନା ଛୁଇଁରେ ଆଣ୍ଟିଅକ୍ସିଡେଣ୍ଟ,ଆଣ୍ଟି-ଇନଫ୍ଲିମେଟରୀ ଏବଂ ଏକ୍ସପେକ୍ଟୋରେଣ୍ଟ୍ ଗୁଣ ମିଳିଥାଏ ଯାହା ଡାଏବେଟିସ୍,କାଶ,କୋଲେଷ୍ଟ୍ରୋଲ୍ ଏବଂ ଥାଇରଏଡ୍ ଭଳି ସମସ୍ୟାକୁ ନାଶ କରିବାର ସାମର୍ଥ୍ୟ ରଖେ । ଆୟୁର୍ବେଦ ଅନୁସାରେ ସଜନା ଛୁଇଁ ଚକ୍ଷୁରୋଗ, ତ୍ୱଚା ରୋଗ ପାଇଁ ମଧ ଖୁବ୍ ଲାଭଦାୟକ ହୋଇଥାଏ । ଏହାର ପତ୍ର ଏବଂ ମୂଳକୁ କ୍ୟାନ୍ସର ଭଳି ମାରାତ୍ମକ ରୋଗର ଉପସମ ପାଇଁ ମଧ ବ୍ୟବହାର କରାଯାଏ । ଖାସ୍ କରି ଓଭାରିଆନ୍ କ୍ୟାନ୍ସରରେ ଏହାର ଭଲ ପରିଣାମ ଦେଖିବାକୁ ମିଳେ । ସଜନା ଛୁଇଁ ବା ଶାଗର ସୁପ୍ ଓଜନ କମାଇବାରେ ମଧ ସାହାଯ୍ୟ କରେ ।

# ଗର୍ଭାବସ୍ଥାରେ କିଡନୀ ସମସ୍ୟାକୁ ହାଲୁକାରେ ନିଅନ୍ତୁ ନାହିଁ, ଦେଖାଦେଇପାରେ ଗୁରୁତର ବିପଦ

ଗର୍ଭାବସ୍ଥାରେ କିଡନୀକୁ ମା' ଓ ଗର୍ଭସ୍ଥ ଶିଶୁ—ଉଭୟଙ୍କ ଶରୀର ପାଇଁ ଅଧିକ ପରିମାଣର ରକ୍ତକୁ ଫିଲ୍ଟର କରିବାକୁ ପଡ଼େ । ଏହି କାରଣରୁ କିଡନୀ ଉପରେ ଚାପ ବଢ଼ିଯାଏ । ଯଦି ପୂର୍ବରୁ ଉଚ୍ଚ ରକ୍ତଚାପ, ଡାଇବେଟିସ୍, କିଡନୀ ରୋଗ କିମ୍ବା ଅଧିକ ଓଜନ ଭଳି ସମସ୍ୟା ଥାଏ, ତେବେ ଗର୍ଭାବସ୍ଥାରେ କିଡନୀ ଜଟିଳତାର ଆଶଙ୍କା ଆହୁରି ବଢ଼ିଯାଏ । ବୟସ ଅଧିକ ହେବା ପରେ ଗର୍ଭଧାରଣ କରିଲେ ମଧ ଏହି ବିପଦ ବୃଦ୍ଧି ପାଇପାରେ । କିଡନୀ ସମସ୍ୟାର କିଛି ସାଧାରଣ ଲକ୍ଷଣ ହେଉଛି ଶରୀର, ହାତ କିମ୍ବା ପାଦରେ ଅସ୍ୱାଭାବିକ ଫୁଲା, ପରିସ୍ରାରେ ରକ୍ତ କିମ୍ବା ପ୍ରୋଟିନ୍, ବାରମ୍ବାର ଉଚ୍ଚ ରକ୍ତଚାପ, ପରିସ୍ରାରେ ସଂକ୍ରମଣ ଏବଂ କିଡନୀ ଷ୍ଟୋନ୍। ଏହି ଲକ୍ଷଣ ଦେଖାଦେଲେ ବିଳମ୍ବ ନକରି ତୁରନ୍ତ ନେଫ୍ରୋଲୋଜିଷ୍ଟ କିମ୍ବା ପ୍ରସୂତି ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଆବଶ୍ୟକ।

ସମୟରେ ଚିହ୍ନଟ ଓ ଚିକିତ୍ସା ହେଲେ ଗୁରୁତର ପରିସ୍ଥିତିକୁ ଏଡ଼ାଇ ହେବ । ଡାକ୍ତରମାନଙ୍କ ପରାମର୍ଶ ଅନୁସାରେ ଗର୍ଭାବସ୍ଥାରେ ନିୟମିତ ଆଣ୍ଟିନେଟାଲ୍ ଚେକ୍-ଅପ୍ ସହ କିଡନୀ ଫଙ୍କସନ୍ ଟେଷ୍ଟ, ୟୁରିନ୍ ପରୀକ୍ଷା, ପ୍ରୋଟିନ୍-କ୍ରିଏଟିନିନ୍ ରେସିଓ ପରୀକ୍ଷା ଓ ଆବଶ୍ୟକ ହେଲେ ଅଲ୍ଟ୍ରାସାଉଣ୍ଡ କରାଇବା ଜରୁରୀ । ଡାକ୍ତରଙ୍କ ପରାମର୍ଶ ବିନା ପେନକିଲର୍ କିମ୍ବା ହର୍ବାଲ୍ ଔଷଧ ସେବନ କରିବା ଉଚିତ ନୁହେଁ। ଧୂମପାନ, ମଦ୍ୟପାନ ଓ ନିଶାଦ୍ରବ୍ୟଠାରୁ ଦୂରେ



ରହିବା ସହ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଓଜନ ବଜାୟ ରଖିବା ମଧ ଅତ୍ୟନ୍ତ ଜରୁରୀ । ବିଶେଷଜ୍ଞମାନଙ୍କ ମତରେ, ସମସ୍ତ କିଡନୀ ରୋଗକୁ ରୋକିବା ସମ୍ଭବ ନ ହେଲେ ମଧ, ସଚେତନତା ଓ ନିୟମିତ ଚିକିତ୍ସା ଦ୍ୱାରା ବିପଦକୁ ବହୁ ପରିମାଣରେ କମାଯାଇପାରେ । ଯେଉଁ ମହିଳାଙ୍କର ପୂର୍ବରୁ କିଡନୀ ରୋଗ ରହିଛି କିମ୍ବା କିଡନୀ ପ୍ରତ୍ୟାରୋପଣ ହୋଇଛି, ସେମାନେ ଗର୍ଭଧାରଣ ପୂର୍ବରୁ ଓ ଗର୍ଭାବସ୍ଥାରେ ନିୟମିତ ବିଶେଷଜ୍ଞଙ୍କ ନିରୀକ୍ଷଣରେ ରହିବା ଉଚିତ। ଏହା ମା' ଓ ଶିଶୁ ଉଭୟଙ୍କ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ।

# କଦଳୀପତ୍ରରେ ଖାଦ୍ୟ ଖାଇବା କେତେ ଲାଭଦାୟକ ଜାଣନ୍ତୁ

ପୂର୍ବରୁ ଖାଦ୍ୟ ପତ୍ରରେ ପରସା ଯାଉଥିଲା। କଦଳୀ ପତ୍ର, ଶାଳ ପତ୍ରରେ ଖାଦ୍ୟ ଖାଇବା ସଂସ୍କୃତି ଏବେ କାଚ ଓ ଫାଇବର ପ୍ଲେଟ୍‌କୁ ପରିବର୍ତ୍ତନ ହୋଇଛି। କିନ୍ତୁ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଅନେକ ଲାଭ ମିଳୁଥିଲା। ପୂଜା ପର୍ବାଣୀ ହେଉ ଅବା ଭୋଜି କଦଳୀ ପତ୍ରରେ ଖାଦ୍ୟ ଖାଇବା ପରମ୍ପରା ଆଜି ମଧ ଅଛି। ତେବେ ଜାଣିବା ଏଥିରେ ଖାଦ୍ୟ ଖାଇଲେ କ'ଣ ଲାଭ ହୋଇଥାଏ।

କଦଳୀ ପତ୍ରରେ ମିଳୁଥିବା ପଲିଫେନୋଲଗୁଡ଼ିକ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ, ଯାହା ଗ୍ରୀନ୍ ଟି' ଏବଂ କିଛି ଫଳରୁ ମଧ ମିଳିଥାଏ। ଯେତେବେଳେ ପତ୍ରରେ ଗରମ ଖାଦ୍ୟ ପରିବେଷଣ କରାଯାଏ ଏହି ଯୌଗିକଗୁଡ଼ିକ ଖାଦ୍ୟରେ ଦ୍ରବୀଭୂତ ହୋଇଯାଏ। ଏହା ଶରୀରକୁ ମୁକ୍ତ ରାଡିକାଲ୍ସ ସହିତ ଲଢ଼ିବାରେ ସାହାଯ୍ୟ କରେ ଏବଂ କର୍କଟ, ହୃଦରୋଗ ଓ ମଧୁମେହର ଆଶଙ୍କା ହ୍ରାସ କରିପାରେ।

କଦଳୀ ପତ୍ରରେ ମଧ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଥାଏ। ପତ୍ର ପୃଷ୍ଠରେ ଥିବା କିଛି ଯୌଗିକ ଜୀବାଣୁକୁ ବୃଦ୍ଧି ପାଇବାରୁ ରୋକିଥାଏ। ଏହା ଖାଦ୍ୟ ବିଷାକ୍ତ ହେବାର ଆଶଙ୍କାକୁ ହ୍ରାସ କରେ ଏବଂ ଖାଦ୍ୟକୁ ସୁରକ୍ଷିତ କରିଥାଏ। କଦଳୀ ପତ୍ରର ବାହାର ସ୍ତର ଉପରେ ଥିବା ପ୍ରାକୃତିକ ମହମ ପରି ଉପାଦାନଗୁଡ଼ିକ ହଜମ କରିବାରେ ସାହାଯ୍ୟ କରେ। ଯେତେବେଳେ ଗରମ ଖାଦ୍ୟ ଏଥିରେ ରଖାଯାଏ ଏହି ସ୍ତର ଟିକେ ତରଳିଯାଏ। ଯାହା ପାଚନ ଉପାଦାନଗୁଡ଼ିକୁ ଖାଦ୍ୟରେ ମୁକ୍ତ କରେ। ଏହା ହଜମକୁ ଉନ୍ନତ କରେ ଏବଂ ପେଟ ସଫା ରଖିବାରେ ସାହାଯ୍ୟ କରେ। ପ୍ଲାଷ୍ଟିକ୍ କିମ୍ବା ସିନ୍ଥେଟିକ୍ ପ୍ଲେଟ୍ ପରି କଦଳୀ ପତ୍ର ସମ୍ପୂର୍ଣ୍ଣ ରାସାୟନିକ ମୁକ୍ତ। ଏଥିରେ ପ୍ଲାଷ୍ଟିକ୍‌ରେ ମିଳୁଥିବା ବିପିଏ କିମ୍ବା ପାଥାଲେଟସ୍ ଭଳି



କ୍ଷତିକାରକ ପଦାର୍ଥ ନାହିଁ। ଏହା ଆପଣଙ୍କ ଖାଦ୍ୟରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବାର ଆଶଙ୍କାକୁ ଦୂର କରେ। କଦଳୀ ପତ୍ରରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପଲିଫେନୋଲ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀରରେ କ୍ଷତିକାରକ ଜୀବାଣୁର ପ୍ରବେଶକୁ ହ୍ରାସ କରିପାରେ। ଏହା ସଂକ୍ରମଣର ଆଶଙ୍କା ହ୍ରାସ କରେ ଏବଂ ଶରୀରର ପ୍ରତିରକ୍ଷାକୁ ଉନ୍ନତ କରେ। ଏହା ସହିତ କଦଳୀ ପତ୍ର ଖାଇବା ପରିବେଶ ପାଇଁ ମଧ ଲାଭଦାୟକ। ଏଗୁଡ଼ିକ ସମ୍ପୂର୍ଣ୍ଣ ଜୈବ ବିକ୍ରୟଯୋଗ୍ୟ ଏବଂ ଅପଚୟରେ ଯୋଗ କରନ୍ତି ନାହିଁ। ଏହା ବ୍ୟତିତ ଗରମ ଖାଦ୍ୟ ଦ୍ୱାରା ନିର୍ଗତ ପ୍ରାକୃତିକ ସୁଗନ୍ଧ ଦ୍ୟରଖା ସ୍ୱାଦ ଏବଂ ସୁଗନ୍ଧକୁ ବୃଦ୍ଧି କରିଥାଏ ଯାହା ଖାଇବା ଅଭିଜ୍ଞତା ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ।

# ରହିବନି ଆଉ ଷ୍ଟ୍ରେଚ୍‌ମାର୍କ: ଆପଣାନ୍ତୁ ଘରୋଇ ଉପଚାର...

ଷ୍ଟ୍ରେଚ୍‌ମାର୍କ ସାଧାରଣଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି ଝଡ଼ିବା ପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧମରେ ମଧ ଏହାକୁ ଦୂର କରିପାରିବା। ଚାଲନ୍ତୁ ଜାଣିବା ଘରେ କିପରି ତିଆରି ସହଜ ଉପାୟରେ ତିଆରି କରିବା...



**ଚନ୍ଦନ ପ୍ୟାକ୍ :**


ଚନ୍ଦନରେ ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦିକ ବିୟୁଟି ପ୍ରଡକ୍ଟ ଭାବେ ମଧ ପରିଚିତ। ପେଟରେ ହେଇଥିବା ଷ୍ଟ୍ରେଚ୍ ମାର୍କ ଦୂର କରିବା ପାଇଁ ମଧ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡରରେ ଦହି ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏଥିରେ ଆପଣ ଟୋମାଟେ ରସ ଓ ମହୁ ମଧ ମିଶାଇପାରିବେ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର କରନ୍ତୁ।

**ଆଲୋଭେରା:**

ଆଲୋଭେରା ଜେଲ୍‌କୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ। କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ। ସେହିପରି କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ। ବାଦାମ ପାଉଡ଼ର କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍ ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାକ ଦୂର କରିବାରେ ସାହାଯ୍ୟ କରେ।

# ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ

ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ। ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ। ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ। ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ। ଯଦି ଆପଣ ବ୍ୟାୟାମ କଲା ବେଳେ ବା ଦୌଡ଼ଧାଆଁ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ



ରହିଛି। ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ। ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା। ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ। ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି। ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ। ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ। ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ।

## ଅମାନିଆ ଖରା

### କ୍ଷମାନିଧି ଭୋଇ



ଅଗ୍ନି ସ୍ଫୁଲିଙ୍ଗ ପରି ପୋଡ଼ିଦିଏ ସର୍ବାଙ୍ଗ
ଆଜି ଏଠି ପ୍ରଚଣ୍ଡ ଖରାର ପ୍ରଭାବ
ଏ ଜୀବନଟା ଖୋଜେ ତେଣୁ
ଯେକୌଣସିମତେ ବଞ୍ଚିବାର ରାହା କେବଳ।
ଅସ୍ତବ୍ୟସ୍ତ ସଙ୍କଟାପନ୍ନ ଜୀବନ ଜଞ୍ଜାଳ ଟିକକ
ନିସ୍ତାର ପାଏନି ନିଷ୍ଠୁର ରୌଦ୍ର୍ୟ ପ୍ରାଦୁର୍ଭାବରୁ
ଘରେ ବାହାରେ ସବୁଠି
ଝାଳନାଳ ସରସର ଦିହମୁଣ୍ଡ
ଯମ ପରି ଜଗି ବସିଥାଏ
ପୁଣି ଅଂଶୁଘାତ ଭୟ।
ବିଞ୍ଚଣା ପଙ୍ଖା କୁଲର ଏସି ଲାଗି ପଡନ୍ତି ସଭିଏଁ
ଏ ମଣିଷକୁ ଟିକିଏ ଥଣ୍ଡା କରିବାକୁ
ହେଲେ କାହିଁ ସବୁଠି ତ ଅଣାୟତ୍ତ
ଗ୍ରୀଷ୍ମର ଦାଉ ;
ଅସମ୍ଭବ ହୋଇପଡେ
ଖାଲି ପାଦେ ଚାଲିବାଟା ପୁଣି
କଳା କାଠ ପଡ଼ିଯାଏ ଦିହମୁଣ୍ଡ
ସୂର୍ଯ୍ୟ ଦେବଙ୍କ ପ୍ରବଳ ତେଜରେ
ସତେ ଯେମିତି,
କଲରାପତରିଆ ବାଘ ପରି ଚାରିଆଡ଼େ
ଦୌଡ଼ି ବୁଲୁଥାଏ ଅମାନିଆ ଖରା
ଦ୍ୱିପ୍ରହର ବେଳାରେ ।
ଭାରି ଅସ୍ତବ୍ୟସ୍ତ କରୁଥାଏ
ଗ୍ରୀଷ୍ମର ପ୍ରତିଟି ମୁହୂର୍ତ୍ତ
ଘର ବାହାର ସର୍ବତ୍ର ଝାଞ୍ଜି
ବାଆର ଦୁର୍ବାର ପ୍ରଭାବ
ଯୁଆଡ଼େ ଦେଖିବ ତ୍ରାହି ତ୍ରାହି ଡାକ
ମଣିଷଠୁ ପଶୁ ପକ୍ଷୀ କୀଟ ପତଙ୍ଗ ସକଳ
ବଞ୍ଚିବାଟା ହୋଇପଡେ
ସତେ ଯେମିତି ଦୁର୍ବିସହ ।
ନଈ ନାଳ ବନ୍ଧ ପୋଖରୀ ସବୁ କିଛି ଶୁଖିଲା
ତୃଷାର୍ତ୍ତ ପଥିକ ଧାଇଁବୁଲେ
ଦି' ବୁନ୍ଦା ଜଳ ସକାଶେ
ଓଃ ! କି ଜଳ କଷ୍ଟ
ପ୍ରାଣକୁ କରେ ଡହଳବିକଳ
ତେବେ କେ' କେମିତି ପାରିବ ସହି କୁହ
ଏମିତି ମୁଣ୍ଡଫଟା ଖରାର ପ୍ରଚଣ୍ଡ ପ୍ରହାର ।
ତେଣୁ, ସାବଧାନ !
ସମ୍ପ୍ରତି ଏଠି ସେଠି ସବୁଠି
ମୃତ୍ୟୁର ବାହକ ସାଜି
ଅମାନିଆ ଖରା ଟହଲୁଛି।


+ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୂଆପଡ଼ା ( ଓଡ଼ିଶା )
ପିନ୍ : ୭୬୬୧୦୫
ମୋ : ୯୪୩୮୨୯୨୯୩୩


## ସଦାସ୍ଥିର

### ଗଜାନନ ମିଶ୍ର



ଆକାଶ, ନୁହଁ ମାଟି
ସଦାସ୍ଥିର।
ଭଲମନ୍ଦ ମାଟିରେ,
ଚାଲିଥାଏ ପ୍ରଶ୍ନୋତ୍ତର
କାଠଗଡାରେ।
ରହସ୍ୟଭେଦି ଯୁକ୍ତିତର୍କ
ସୁଧାରୁଥାଏ ସଖାସୋଦର।
ଆଲୋକବର୍ତ୍ତିକା ପ୍ରେମ
ଆଉ ହୃଦୟ।
ସାରାବେଳ ବାଙ୍ମୟ,
ଏଇଠି ମୋର ଅପେକ୍ଷା।
ମାନେ ରଖେ ନା
ଇଚ୍ଛା ଅନିଚ୍ଛା।


+ ତପୋବନ, ଟିଟିଲାଗଡ,
ବଲାଙ୍ଗିର
ମୋ: ୯୪୩୭୩୬୬୬୪୪


## ମୁଁ ହଜି ଯିବାକୁ ଚାହେଁ

### ରାମ ଚନ୍ଦ୍ର ପ୍ରଧାନ



ମୁଁ ହଜି ଯିବାକୁ ଚାହେଁ..
ସମୁଦ୍ରର ସେଇ କୋଳାହଳମୟ
ବେଳାଭୂମି ଉପରେ
ଯେଉଁଠି ତୁମ ସହ ମୋର
ପ୍ରଥମ ଦେଖା ପାଲଟିଯାଇଥିଲା
ଅଭୂଲା ସ୍ମୃତିଟିଏ...
ମୁଁ ହଜି ଯିବାକୁ ଚାହେଁ..
ଆମ ଗାଁ ସେଇ କଉଡିଆମାଳ ତାଳବଣରେ
ଯେଉଁଠି ତୁମେ ମୋତେ ନେଇ
ସ୍ୱପ୍ନ ଦେଖିଥିଲ ଗଢିବାକୁ
ଛୋଟ ନଅରଟିଏ...
ମୁଁ ହଜି ଯିବାକୁ ଚାହେଁ..
ବଗିଚାର ସେଇ ସୁନ୍ଦରୀ
ଫୁଲମାନଙ୍କ ଗହଣରେ
ଯେଉଁଠି ତୁମେ ମୋତେ
ଉପହାର ଦେଇଥିଲ ଗୋଲାପ ଫୁଲଟିଏ...
ମୁଁ ହଜି ଯିବାକୁ ଚାହେଁ..
ପାନ୍ଥଶାଳାର ସେଇ ଅସଂଖ୍ୟ ଲେଖା ଭିତରେ
ଯେଉଁଠି ତୁମେ ମୋ ପାଇଁ
ଲେଖିଥିଲ ଅକୁହା ପ୍ରେମଗପଟିଏ...
ମୁଁ ହଜି ଯିବାକୁ ଚାହେଁ..
ପୁଣି ସେଇ କଲେଜ ଫେରନ୍ତା
ପାଦଚଲା ରାସ୍ତାରେ
ଯେଉଁଠି ତୁମେ ମୋ ଗଣ୍ଡଦେଶରେ
ଆଙ୍କି ଦେଇଥିଲ ପ୍ରୀତିଭରା ଚୁମ୍ବନଟିଏ...
ମୁଁ ହଜି ଯିବାକୁ ଚାହେଁ..
ସେଦିନର ସେଇ ଭୟଙ୍କର
ଝଡ଼ ତୋଫାନ ରାତିରେ
ଯେଉଁଠି ତୁମେ ମୋତେ ଦେଇଥିଲ
ସାରା ଜୀବନ
ନିଜର କରିବାର ପ୍ରତିଶ୍ରୁତିଟିଏ...
ମୁଁ ହଜି ଯିବାକୁ ଚାହେଁ..
ଶ୍ମଶାନର ସେଇ ଧୂଳିମିଶା ଜୁଇ ପାଉଁଶରେ
ଯେଉଁଠି ତୁମେ ଯେତେ
ଖୋଜିଲେ ବି ପାଇବନି
ମୋ ଅସ୍ତିତ୍ୱର ଛୋଟ ଛବିଟିଏ...


ଶିକ୍ଷକ, ଟେକ୍ନିକାଲ୍ ହାଇସ୍କୁଲ୍,ଆସିକା,
ଗଞ୍ଜାମ
ମୋ:୯୮୬୧୩୮୭୩୬


## ସାଙ୍ଗ

### ଦିନେଶ ମେହେର



ଜାଣିଛୁ
ଆଜି ଅନେକ ଦିନ ପରେ
ଆମ ଗାଁ ନଈପଠାରେ ବୁଲୁ ବୁଲୁ
ସେଇଠି ଦେଖିଲି
ଆମର ସେଇ ହଜି ଯାଇଥିବା ଅତୀତକୁ,
ସେଇ ଅତୀତ
ଯେଉଁଠି ଆମେ ଦୁଇଜଣ ଆମର ଯେତେ
ଅଭୁଲା ସ୍ମୃତି ସବୁ ଛାଡ଼ି ଯାଇଥିଲେ... !

ବେଶ୍ ଭଲ ଭାବରେ ଜାଣିଛି,
ସବୁକିଛି ଅସ୍ଥାୟୀ ରହିଲେ ବି
ଶନିବାର ଦିନ ତୁ ଆମଘରେ
ରବିବାର ଦିନ ମୁଁ ତମ ଘରେ ବିତେଇବା
କିନ୍ତୁ ଚିରସ୍ଥାୟୀ ଥିଲା,
ସକାଳୁଆ ସ୍କୁଲ ଛୁଟି ପରେ
ନଈକୁ ଯାଇ ଘଣ୍ଟାଏ ପର୍ଯ୍ୟନ୍ତ ଗାଧିବାର ଦିନ
କ'ଣ ଆଉ ଫେରି ଆସିବ.... ?

ତୋର ମନେ ଅଛି ନା ?
ସେଦିନ ଧନକଟା ଛୁଟିରେ
ପାଖ ଗାଁକୁ ବରକୋଳି
ଖାଇବାକୁ ଯାଇଥିଲେ,
ସେଠାରେ ଡମ୍ବବୁଢ଼ାର ଚିତ୍କାର ଶୁଣି
ଅଧାବାଟରୁ ଧାଇଁ ଆସିଥିଲେ ଆମେ ଦୁହେଁ,
ସେ କଥା କଣ ଭୁଲି ହେବ
ଗଣେଶ ମୂର୍ତ୍ତି ଲାଗି ମାଟି ଆଣିବାକୁ ଯାଇ
ଘର ଲୋକଙ୍କ ଠାରୁ ଗାଳି ଶୁଣିବା
ଏବେ ବି ମନେପଡ଼େ... !

ଆଜି ଦେଖ୍,
ସବୁକିଛି ବଦଳି ଯାଇଛି।
ତୁ ବି ଏବେ ମୋ ଠୁଁ ଅନେକ ଦୂରରେ
ତୋର ମୋର ସମ୍ପର୍କ ଏବେ
ପୁରାପୁରି ଢିଲା ପଡିଗଲାଣି,
ଜାଣିଛି, ସେଦିନ ଯେତେ
ଚେଷ୍ଟା କଲେ ବି ଆଉ ଆସିବନି,
ତୋର ମନେ ଅଛି କି ନାହିଁ ଜାଣିନି,
ମୁଁ କିନ୍ତୁ ସବୁକିଛି ମନେ ରଖିଛି,
ତୋ ସହ ବିତେଇଥିବା ପ୍ରତି ମୁହୂର୍ତ୍ତକୁ
ମୁଁ ସାଇତି ରଖିଛି
ମୋ ଡାଏରୀ ଭିତରେ..... !


+ସ୍ନାତକ, ଇତିହାସ ବିଭାଗ
ପଳାସ, କଳାହାଣ୍ଡି
ମୋ - ୮୦୧୮୮୨୪୫୬


## ପଥର ଦିଅଁ

### ବନ୍ଦନା ସାହୁ



ଅଟ୍ଟାଳିକା ଖସି ପଡ଼ିଲେ
ପଥର ବି ଚୁନା,
ସମସ୍ତ ଅହଙ୍କାର କ୍ଷଣକର ଲୋଡ଼ା !!

ପାପୀ, ଜ୍ଞାନୀ, ଗୁଣୀ ଜନ
ସମସ୍ତେ ଭସ୍ମୀଭୂତ
ଯେପରି ମାୟାରେ !!

ଭିଡ଼ରୁ ଭିଡ଼ ସେ ଦିନ ଯାକ
ଚାରି ପାଖେ କୋଳାହଳର ବାର୍ତ୍ତା
ଖୁସିରେ ଫାଟି ପଡୁଥାଏ ଛାତି
ହସ ହସ ଅଧୁରା ମୁହଁରେ
ଏହି ଆଖି ଖୋଜୁଥାଏ ଟିକିଏ ପ୍ରେମ
ଅତି ବ୍ୟାକୁଳତାରେ !!

ଏତେ ଗର୍ବ !!
ତୋ ଛାତିରେ ଆସେ କେଉଁଠୁ ??

ଯେବେ ଯେବେ ଆଖି ଭରି ପଡ଼େ ଲୁହରେ
ସମୟକୁ ମୁଁ ଜାବୁଡ଼ି
ଧରି ପାରେନା ଏହି ହାତରେ !!
କେଡ଼େ ଅସହାୟ ମୁଁ !!

ମୁଁ ବିଛି ଚାଲିଥାଏ ଫୁଲ
ପାଦ ପରେ ପାଦ,
ମିଛି ମିଛିକା !!

ପଥର ସାଜି ଦିଅଁ ବୋଲାଉ
କେଡ଼େ ନିର୍ଦ୍ଦୟ ତୁ !!
କେଡ଼େ ନିଷ୍ଠୁର ତୋର ପ୍ରେମ
ଆଉ ପାପ ଆଖି !!


+ଯାଜପୁର
୭୨୦୫୫୫୦୭୧୩


## ତୋ ଆଖି

### ତପନ ସାହୁ



ତୋ ଆଖିକୁ ପାହାଚ କରି
ଉର୍ଦ୍ଧ୍ୱକୁ ଚଢ଼ିଲା ପରେ ମୁଁ ଏବେ ସ୍ୱର୍ଗରେ
ତୋ ପଲକ ପଡିଲେ ମୁଁ ହୁଏ ବାଟବଣା
ସେକଥା ତୁ ଠିକ୍ ଜାଣିଛୁ ବୋଲି
ତୋ ଆଖି' ଖୋଲା ରଖୁ ସବୁ ବେଳେ... !

ତୋ ଆଖି ମୋତେ
'କାମ' ଛାତିରେ ଚକା ମାଡ଼ି
ବସିବାର ସୂତ୍ର ବତାଏ
'କ୍ରୋଧ' ତଣ୍ଟିରେ ଛିଡ଼ା ହୋଇ ଶାନ୍ତି ପ୍ରାର୍ଥନା
କରିବାକୁ ଉସକାଉ ଥାଏ
'ମୋହ'କୁ ମୁହଁ ମୋଡ଼ି
ଛିଡ଼ା ହେବାର କୌଶଳ ଶିଖାଏ
'ମାୟା'କୁ ହାତମୁଠାରେ ରଖିବାର
ଯନ୍ତ୍ରଟିଏ ରଚୁ ଥାଏ ବାରମ୍ବାର...... !

ତୋ ଆଖିର ଇଶାରାରେ
ମୁଁ ପରଖି ପାରେ ସତ ଓ ମିଛକୁ
ବାରିପାରେ ସୁଗନ୍ଧ,ଦୁର୍ଗନ୍ଧ ନିଖୁଣ ଭାବରେ
ଦେଖିପାରେ ପାପ ଓ ପୁଣ୍ୟକୁ
ଖୋଲା ଆଖିରେ ସ୍ପଷ୍ଟ ଭାବେ.... !

ତୋ ଆଖି ଠାରରେ ଥାଏ
ଗର୍ବକୁ ସିଙ୍ଗିଲ ଡୋଜ୍‌ରେ ଚିର ନିଦ୍ରାରେ
ଶୁଏଇ ଦେବାର ଅଉକାତ୍
ଅହଙ୍କାରର ମୁଣ୍ଡ ଉପରେ
ତାଣ୍ଡବ କରିବାର ସାମର୍ଥ୍ୟ.... !


କପଟ ପିଠିରେ ନୁହେଁ ଛାତିରେ
ବାରମ୍ବାର ଛୁରାଘାତ କରିପାରେ ମୁଁ
ଛଳନା ସହ ଛଅ ମାସ
ଲିଭିଙ୍ଗରେ ରହିଲା ପରେ
ବିନା କଷ୍ଟରେ କରିପାରେ ବ୍ରେକ୍-ଅପ୍..... !

ତୋ ଆଖି ଚିରକାଳ ଖୋଲା ଥାଉ ମୋ ପାଇଁ
ଏ ଇନ୍ଦ୍ରିୟଙ୍କ ଫାଶରୁ ମୁକୁଳିବା ଯାଏଁ..... !


+ ବେଲଗାଁ, ମ.ରାମପୁର
ମୋ.୯୦୧୯୩୧୧୮୬୮


## ଯେଉଁ ଛାତିରେ ସାରା ଆଶ୍ୱସ୍ତି

### ଅନସୂୟା ପଣ୍ଡା



ଯେଉଁ ଛାତିରେ ମୁହଁ ଗୁଞ୍ଜିଦେଲେ
ସାରା ଆଶ୍ୱସ୍ତି ମିଳିଯାଏ
ଶଙ୍କାର ଥଳକୂଳ ହଜିଯାଏ
ସମ୍ଭାବନାର ସୂର୍ଯ୍ୟ ଉଇଁଆସେ
ଅମୃତର ଫଳଧରି ହସ୍ତେ
ସେ କେବଳ ମାଆର ହୋଇପାରେ।

କୋଳାହଳ କରି ମୂହୁର୍ତ୍ତକୁ ତିଆରେ
ତୃପ୍ତିର ବିନ୍ଦୁ ବିନ୍ଦୁ ପ୍ରାଚୁର୍ଯ୍ୟ ଆଙ୍କିଦିଏ
ସେ ଛାତି କେବଳ ମାଆର ହୋଇପାରେ
ଯେଉଁଥିରେ ସବୁ ପ୍ରଶ୍ନର ଉତ୍ତର ଲେଖାଥାଏ।

ଯେଉଁ ଛାତିରେ ମୁହଁ ଗୁଞ୍ଜିଲେ
ବହିଆସେ ଆଶୀର୍ବାଦର ଶ୍ରୀକର ସ୍ନିଗ୍ଧପଣେ
ଲମ୍ବିଯାଏ ବିଶ୍ୱାସର ଦିଗ୍ୱଳୟ ପୂର୍ଣ୍ଣତାରେ
ଗଜୁରି ଉଠେ
ଆତ୍ମବିଶ୍ୱାସର ଫଳ ଫୁଲ
ପ୍ରକୃତିସ୍ଥ ହୋଇଯାଏ ଝଡ ପରର ସହର
ବହିଆସେ ଖରା ଭେଦି ବୈଶାଖର
ମେଞ୍ଚାଏ ଶୀତଳ ସମୀର
ସେ ଛାତି ମୋ ବାପାଙ୍କର
ଉପରେ କର୍କଶ କଙ୍କର
ଭିତରେ ସ୍ନେହର ମଧୁର ଝର।

ଯେଉଁ ଛାତିରେ ମୁହଁ ଗୁଞ୍ଜିଦେଲେ
ସବୁ ହୋଇଯାଏ ଏକାକାର ପ୍ରେମ ସମୁଦ୍ରରେ
ଫୁଟି ଉଠେ ତିଳ ଚିହ୍ନ ମନର ଓଠରେ
ବିଭୋର ପଣ
ନିବିଡ କମ୍ପନ ହୃଦୟ ଦୀପରେ
ରଜନୀ ଗନ୍ଧାର ଭାବନା ଅସରନ୍ତି ଆନନ୍ଦରେ
ଚହଟି ଉଠେ
କୋଣ ଅନୁକୋଣ ସ୍ନିଗ୍ଧ ଚିନ୍ତାରେ
ସେ ମୋ ପତ୍ନୀ
ସମର୍ପିତ ଜୀବନ ଯାତ୍ରାରେ।

ତା'ରି ଛାତିରେ କିଛି ନମନୀୟତା ପ୍ରେମ
ମଧୁ ମାଧବୀର ସୁଗନ୍ଧିତ ଅନୁରାଗ
ଆନ୍ତରିକ ଆବେଦନେ
କଅଁଳେ ପ୍ରୀତିର ସୁମନ
ବାଜି ଉଠେ ବଂଶୀ ସ୍ୱନ
କୂଳ ଲଂଘେ ଯମୁନା ହୋଇ ଛନ ଛନ
ଉଚ୍ଛୁଳା ତାଳ ତାଳ ମନ ଯୌବନ
ସେ ମୋ ପ୍ରୀତିର ପ୍ରତ୍ୟୟ ଜୀବନର ମୁହାଣ।


+ବୁର୍ଲା, ସମ୍ବଲପୁର,
ମୋ: ୯୪୩୯୨୧୧୯୭୧


## କିଶୋରୀ ପ୍ରିୟାର...

### ଶ୍ରୀ ସତ୍ୟବ୍ରତ ସାହୁ



ସନ୍ଧ୍ୟା ଆସେ ମୋ କିଶୋରୀ ପ୍ରିୟାର
ଆଖିର କଜଳ ପରି
ସକାଳ ଆସେ ବି ମୋ ପ୍ରିୟା ଓଠର
ମଧୁଝରା ହସ ପରି। (୦)

ଆଷାଢ଼ ଆକାଶ କଳାମେଘ ଲାଗେ ମୋ ପ୍ରିୟା
ଖୋଲା କୁନ୍ତଳ ପ୍ରିୟା ରୁଷି ଗଲେ ଲାଗେ
ସତେ ଏବେ ଧୁ ଧୁ ଖାରବେଳ
ରାତ୍ରି ଲାଗେ ମୋ ଅଭିମାନୀ ପ୍ରିୟା
ବିଷର୍ଣ୍ଣ ବଦନ ପରି।
ସନ୍ଧ୍ୟା ଆସେ ମୋ କିଶୋରୀ ପ୍ରିୟାର... (୧)

ବସନ୍ତ ଲାଗେ ମୋ ପ୍ରିୟା ପ୍ରୀତି ଛୁଆଁ
ଶରତ ଲାଜୁଆ ଆଖି
ହେମନ୍ତ ଓ ଶୀତ ଲାଗନ୍ତି ଯେମିତି
ପ୍ରିୟା ମୋ ଯାଇଛି ରାଗି
ଦେଖିନି ଏମିତି ଝିଅଟିଏ
ଯିଏ ପ୍ରିୟା ରୂପ ଗୁଣେ ସରି।
ସନ୍ଧ୍ୟା ଆସେ ମୋ କିଶୋରୀ ପ୍ରିୟାର... (୨)

ସନ୍ଧ୍ୟା ଆସେ ମୋ କିଶୋରୀ ପ୍ରିୟାର
ଆଖିର କଜଳ ପରି
ସକାଳ ଆସେ ବି ମୋ ପ୍ରିୟା ଓଠର
ମଧୁଝରା ହସ ପରି।


+ ପଲ୍ଲୀସାହି, କାମାଳପୁର,
ଅହିୟାସ, ଯାଜପୁର -୭୫୫୦୩୬
ମୋ - ୮୯୧୭୨୭୩୫୪୫


## ଜୀବନର ବ୍ୟଥା

### ସୌମ୍ୟ ପ୍ରକାଶ ତ୍ରିପାଠୀ



ଜୀବନ ରୂପକ ବେଳାଭୂମିରେ
ଦାନାପାଣିର ସଂଘର୍ଷ ଭିତରେ
ଟିକେ ହସ ଟିକେ ଖୁସି ପାଇବାକୁ
ମଣିଷ ଅକ୍ଲାନ୍ତ ପରିଶ୍ରମ କରେ ।
ଏ ଜୀବନର ଗଣିତ ଅଛିଣ୍ଡା
ସେଇ ଅଛିଣ୍ଡା ଗଣିତ କଷୁ କଷୁ
ମଣିଷ ଜାଣିବାକୁ ପାଏ
କଣ ପାଇଛି କଣ ହରେଇଛି ?
ଏଇ ମଣିଷ ଜୀବନ
କେବଳ ଗୋଟାଏ ରଙ୍ଗମଞ୍ଚ
ଅଭିନୟ କରି ସାରିବା ପରେ ଆସେ
ତମସାଚ୍ଛନ୍ନ ନିସ୍ତବ୍ଧ ସଞ୍ଜ ।
ଏଠି ଲୁହ ଲେଖେ କରୁଣ ଇତିହାସ
ମିଛିମିଛିକା ହସ ପଢେ
ଚପଳ ଛନ୍ଦାର ଉପନ୍ୟାସ
ଅଭିଶପ୍ତ ଜୀବନ ଗୁଣୁଗୁଣୁ କରେ କବିତା
ସଂସାର ନାଟକ ଜୀବନରେ ଭରେ ବ୍ୟଥା
ମଣିଷର କାହାଣୀ କାହାକୁ ହସାଏ
କାହାକୁ କନ୍ଦାଏ
ଜୀବନ ଏଠି ଅନ୍ଧାର ରାତିଠୁ ଭୟଙ୍କର
ଚଲା ପାଦ ମାଡୁଥାଏ ଖଣ୍ଡା ଧାର
ରକ୍ତାକ୍ତ ପାଦ ଦିଟା ଚାଲିବାକୁ ଇଚ୍ଛା କରେ
ପହଞ୍ଚିବାକୁ ଶ୍ମଶାନ ପାଖରେ
ଅଙ୍ଗାରରେ ଦି ପାଦକୁ ଥୋଇ ଦେଇ
ଆଉ କିଛି କଷ୍ଟର ଅନୁଭବ ନେଇ
ପୁଣି ବାଟ ଚାଲିବାର
ସେ ଆପ୍ରାଣ ପ୍ରୟାସ କରିବ।
ଶ୍ମଶାନର ଭସ୍ମ ବୋଲି ହୋଇ
ଦୁନିଆ ଆଗରେ ନିଜକୁ ଧବଳିଆ ସଜେଇ
ଅନ୍ତରେ ଅନ୍ଧକାର ଭିତରେ ରହି
ବାହାରକୁ ଭଲ ହେବାର ଉଦ୍ୟମ
ରକ୍ତଭିଜା ଜୀବନର ଏଇତ ସାରମର୍ମ।


+ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୦୫୭୪୫୦


## ସମ୍ପର୍କ ନୁହେଁ ଧୂଳିବାଲି ଘର

### ପ୍ରଶାନ୍ତ କୁମାର ନାୟକ



ସମ୍ପର୍କ ସେତ ମନର ଧାରଣା
ପ୍ରେମରେ ସର୍ବଦା ବନ୍ଧା,
ସମ୍ପର୍କ ଅଟେ ନିଃସ୍ୱାର୍ଥ ଭାବନା
ଭାବରେ ସଦା ସେ ଛନ୍ଦା।
ସମ୍ପର୍କ ନୁହେଁ କାଗଜ ପ୍ଲେଟ୍
ଖାଇସାରି ଫିଙ୍ଗିଦେବା,
ସମ୍ପର୍କ ନୁହେଁ କଳାପଟାଟିଏ
ଲେଖିସାରି ଲିଭେଇବା ।
ସମ୍ପର୍କ ନୁହେଁ ଷଡଋତୁ ଭଳି
ଯାଉଥିବ ଆସୁଥିବ,
ସମ୍ପର୍କ ନୁହେଁ ସୂର୍ଯ୍ୟଙ୍କ କିରଣ
ସଞ୍ଜ କାଳେ ହଜିଯିବ ।
ସମ୍ପର୍କ ନୁହେଁ କାଚର ଆଇନା
ଅଘାତରେ ଭାଙ୍ଗିଯିବ,
ସମ୍ପର୍କ ନୁହେଁବି ଦୀପର ଆଲୋକ
ପବନରେ ଲିଭିଯିବ ।
ସମ୍ପର୍କ ନୁହଁଇ ସହଯାତ୍ରୀଟିଏ
ଯାତ୍ରାପରେ ଶେଷ ହେବ,
ସମ୍ପର୍କ ନୁହେଁ ପ୍ରେମ ପ୍ରତାରଣା
ବିରହ ବିଚ୍ଛେଦ ହେବ ।
ସମ୍ପର୍କ ନୁହେଁ ପୀରତିର ପତ୍ର
ପଢିସାରି ଚିରିଦେବ,
ସମ୍ପର୍କ ନୁହେଁ ଟେଲିଫୋନଟିଏ
କହିସାରି ଥୋଇଦେବା ।
ସମ୍ପର୍କ ନୁହେଁ ଧୂଳିବାଲି ଘର
ଆପେଆପେ ଭାଙ୍ଗିଯିବ,
ସମ୍ପର୍କ ନୁହେଁ ବାଲିର ଘର
ତରଙ୍ଗ ଭସାଇ ନେବ ।
ସମ୍ପର୍କ ସେତ ହୃଦୟ ବନ୍ଧନ
ସହଜେକି ଖୋଲିହେବ,
ସମ୍ପର୍କ ଅଟଇ ମନର ଡୋର
ଯୁଗେଯୁଗେ ବନ୍ଧାଥିବ ।


+ ୟୁନିଟ୍-୦୫; ଭୁବନେଶ୍ୱର
ଫୋନ୍ - ୮୨୪୯୬୫୦୪୧୪


## ଜାଣେନା ମୁଁ

### ଗାୟତ୍ରୀ ନାୟକ

ଜାଣେନା ମୁଁ
ମୋତେ ତୁମେ ଭଲଭାବରେ ବୁଝିଛ
ମୋର ପ୍ରତ୍ୟେକ ଟି ସୁଖ, ଦୁଃଖକୁ
ନିଜ ସହିତ ବାଣ୍ଟୁଛ
ମୋର ଭଲ ବନ୍ଧୁଟିଏ ପାଲଟି ଯାଇଛ ।
କିନ୍ତୁ ହାଏ
ମୋ ମନରେ ଥିବା ତୁମ ପ୍ରତି
ଅସମାପ୍ତ ପ୍ରେମକୁ
ତୁମେ ବୋଧ ହୁଏ
ଏ ପର୍ଯ୍ୟନ୍ତ ବୁଝି ପାରିନ ।
ତୁମ ଅଲକ୍ଷରେ, ଅଗୋଚରରେ
ମୁଁ ତୁମକୁ
ମୋ ହୃଦୟର ସିନ୍ଧୁ କରେ ଲୁଚାଇ ରଖିଛି
ଥରେ ନୁହେଁ ଅନେକ ଥର
ମୋ ମନର ଭାବନାକୁ
ତୁମ ନିକଟରେ ବ୍ୟକ୍ତ କରିବାକୁ ଚାହିଁଛି ।
ହେଲେ, ପାରିନି
ପାଦ ମୋର ପଛକୁ ଫେରିଆସେ
ମନର ଭାଷା ଓଠ ପର୍ଯ୍ୟନ୍ତ ପହଂଚି ପାରେନି
ଡରଲାଗେ
କାଳେ ଯଦି ତୁମେ
ମୋ ଠାରୁ ଦୁରେଇ ଯିବ
ଆଜି କିନ୍ତୁ, ମୋ ମନକୁ
ମୁଁ ନିଜ ଆୟତରେ ରଖିପାରୁ ନାହିଁ ।

ବରଂ ମୋ ହୃଦୟର ଗୋପନ କଥାକୁ
ସାଧା କାଗଜ ଓ କଲମ ସାହାଯ୍ୟରେ
ପରି ପ୍ରକାଶ କରି
ତୁମକୁ ଅଭିନନ୍ଦନ ଜଣାଉଛି।


+ ରାଉତସାହି, ଇନ୍ଦୁପୁର, ଯାଜପୁର,
ପିନ- ୭୫୪୨୧୪
ମୋ: ୮୯୧୭୪୦୪୮୧

# ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଅପରିହାର୍ଯ୍ୟ: ଝାରସୁଗୁଡ଼ା ବରିଷ୍ଠ ନାଗରିକ କଲ୍ୟାଣ ସମିତିର ବୃକ୍ଷରୋପଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୦/୦୭ (ନି.ପ୍ର): ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ହ୍ରାସ ଏବଂ ଆଗାମୀ ପିଢ଼ି ପାଇଁ ସବୁଜ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ଝରିଆନାଲ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମିତିର ସଭାପତି ତଥା ବିଶିଷ୍ଟ ଯନ୍ତ୍ରୀ ମୋତିଲାଲ ଜୈନ ଓ ସମ୍ପାଦକ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ସମିତିର ବହୁ ସଦସ୍ୟ ଓ ବରିଷ୍ଠ କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରଜାତିର ଫଳ, ଔଷଧୀୟ ଓ ଛାୟା ପ୍ରଦାନକାରୀ ଚାରା ରୋପଣ କରିଥିଲେ। ରୋପଣ କରାଯାଇଥିବା ଚାରାଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ମଧ୍ୟ ସମସ୍ତେ ସଂକଳ୍ପ ନେଇଥିଲେ।

ଏହି ଅବସରରେ ସଭାପତି ଶ୍ରୀ ଜୈନ କହିଥିଲେ ଯେ, ବୃକ୍ଷ ହେଉଛି ପ୍ରକୃତିର ଅମୂଲ୍ୟ ସମ୍ପଦ। ବୃକ୍ଷ ମଣିଷକୁ ଅମ୍ଳଜାନ ପ୍ରଦାନ କରିବା ସହ ପରିବେଶର ସନ୍ତୁଳନ ରକ୍ଷା, ମୃତ୍ତିକା କ୍ଷୟ ରୋକିବା ଏବଂ ଜୀବଜଗତର ଅସ୍ତିତ୍ୱ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ବର୍ତ୍ତମାନ ସମୟରେ ବନ୍ୟକ୍ଷୟ ଓ ବୃଦ୍ଧି ପାଉଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ନାଗରିକ ବର୍ଷକୁ ଅତି କମରେ ଗୋଟିଏ ଚାରା ରୋପଣ କରି ତାହାର ଯତ୍ନ ନେବା ଉଚିତ।

ସମ୍ପାଦକ ନିରଞ୍ଜନ ବେହେରା କହିଥିଲେ ଯେ, କେବଳ ଚାରା ରୋପଣ କରିଦେଲେ ଦାୟିତ୍ୱ ସରିଯାଏ ନାହିଁ। ଚାରାଗୁଡ଼ିକ ବୃକ୍ଷରେ ପରିଣତ ହେବା ପର୍ଯ୍ୟନ୍ତ ତାହାର ସୁରକ୍ଷା ଓ ନିୟମିତ ଯତ୍ନ ନେବା ଅତ୍ୟନ୍ତ ଆବଶ୍ୟକ। ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ ସମ୍ପର୍କିତ ସଚେତନତା ସୃଷ୍ଟି କରାଗଲେ ସେମାନେ ଭବିଷ୍ୟତରେ ପରିବେଶ ସୁରକ୍ଷାର ଦାୟିତ୍ୱ ସଫଳତାର ସହ ବହନ କରିପାରିବେ।

କାର୍ଯ୍ୟକ୍ରମରେ ଉପସ୍ଥିତ ବହୁ ସଂଖ୍ୟକ ବରିଷ୍ଠ ନାଗରିକ ଓ ସମିତିର କର୍ମକର୍ତ୍ତାମାନେ ପରିବେଶ ସୁରକ୍ଷା ପାଇଁ ଚାରାରୋପଣକୁ ଏକ ସାମାଜିକ ଆନ୍ଦୋଳନରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ସେମାନେ କହିଥିଲେ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି, ଅନିୟମିତ ବର୍ଷା ଓ ପ୍ରଦୂଷଣ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ଓ ତାହାର ସଂରକ୍ଷଣ ହିଁ ଏକମାତ୍ର ବିକଳ୍ପ। ଶେଷରେ ସମସ୍ତ ସଦସ୍ୟ ଏବଂ ଉପସ୍ଥିତ ବ୍ୟକ୍ତିବିଶେଷମାନେ ନିଜ ନିଜ ଅଂଚଳରେ ନିୟମିତ ଚାରାରୋପଣ କରି ସବୁଜ, ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଗଠନ ଦିଗରେ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ।

# କିଷାନ କଂଗ୍ରେସର ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ



ନୀଳଗିରି,୨୦/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ର ଜିଲ୍ଲା ସ୍ତରୀୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ନୀଳଗିରି କଂଗ୍ରେସ ଭବନ ପରିସରରେ ରାଜ୍ୟ କିଷାନ କଂଗ୍ରେସ ର ଉପସଭାପତି ଯଶୋଦା ନନ୍ଦନ ସିଂହଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନୀଳଗିରି ଗଡଜାତ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମୀ, ତଥା ଶତାୟୁ ପୁରୁଷ ସ୍ୱର୍ଗତ ବଞ୍ଛାନିଧି ବିଶ୍ୱାଳଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପରେ ସ୍ୱର୍ଗତ ବାଞ୍ଛାନିଧି ଙ୍କ ଅମର ଆତ୍ମାରେ ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ରେ ସରକାରଙ୍କର ବହୁବିଧ ଜଣ କଲ୍ୟାଣ ଯୋଜନା କିପରି ଚାଷୀଙ୍କ ନିକଟରେ ପହଞ୍ଚିବା ସହିତ ଏହାର ଫାଇଦା ଉଠାଇପାରିବେ ସେନେଇ ବିଧିବଦ୍ଧ ଆଲୋଚନା କରାଯିବା ସହିତ ଯୋଜନା ବାଟ ମାରଣା ନ ହେବା ପାଇଁ ଏକ କମିଟି ଗଠନପାଇଁ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ କମିଟି ଟି ରାଜ୍ୟ ସଭାପତି ଙ୍କ ଜରିଆରେ ରାଜ୍ୟପାଳ ଓ ରାଷ୍ଟ୍ରପତି ଙ୍କୁ ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ବେହେରା, ସମ୍ମାନୀତ ଅତିଥି ଭାବେ ସଦାଶିବ ରଥ, ସନାତନ ଜେନା, ଗଦାଧର ପରିଡ଼ା, ରସବିହାରୀ ମହାପାତ୍ର, ଉପେନ୍ଦ୍ର ବେହେରା ଓ ମୁଖ୍ୟ ବକ୍ତା ଭାବେ ବିଶ୍ୱନାଥ ଦାସ, ଚକ୍ରଧର ଦାସବାବୁ, ପ୍ରଫୁଲ୍ଲ ମହାନ୍ତି, କୈଳାଶ ପାତ୍ର, ବାସନ୍ତି ସିଂହ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ,ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା ଉପସ୍ଥିତ ରହି,ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବା ଦେଖା ଯାଇଥିଲା।ପରେ ପ୍ରଫୁଲ୍ଲ ମହାନ୍ତିଙ୍କୁ ନିର୍ବାଚନମଣ୍ଡଳୀର ସମସ୍ତ ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ଦାୟତ୍ୱ ଅର୍ପଣ କରାଯାଇଥିଲା। ଏଥିସହିତ ବିଭିନ୍ନ ଗ୍ରାମପଞ୍ଚାୟତର ସଭାପତି ମାନେ ଯୋଗ ଦେଇ ନିଜର ମତାମତ ରଖିଥିଲେ। ସେମାନଙ୍କ ମଧ୍ୟରେ ଭାଗିରଥି ବେହେରା, ରାଧାଶ୍ୟାମ ଦାସ, ହେମନ୍ତ ନାୟକ, ପିତାମ୍ବର ସିଂ, ଅନନ୍ତ ବେହେରା,ମଧୁସୂଦନ ପାତ୍ର, ମଧୁସୂଦନ ଦାସ, ପ୍ରକାଶ ଚୋଧୁରୀ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ସାଧାରଣ ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଓଡିଶା ଅମଲା ସଂଘ

ଜୟପୁର,୨୦/୦୭ (ନି.ପ୍ର): ଓଡିଶା ଅମଲା ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜୟପୁର ଯାଦବ ଭବନ ଠାରେ ଆୟୋଜିତ ହୋଇଯାଇଛି ଙ ଶଶି ଭୂଷଣ ଦାଶ ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କ ଦ୍ୱାରା ଆୟୋଜିତ ସମ୍ମିଳନୀରେ ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଜଗନ୍ନାଥ ମାଝୀ, ସାଙ୍ଗଠନିକ ସମ୍ପାଦକ ଓଡ଼ିଶା ଅମଲା ସଂଘ ତଥା ରାଜ୍ୟ ଖଣ୍ଡିୟୀ ସମ୍ପାଦକ କୈଳାସ ସମନ୍ତା, ବରିଷ୍ଠ କର୍ମକର୍ତା ସୁଦର୍ଶନ ସାହୁ, ଜଗନ୍ନାଥ ଦାସ ପ୍ରମୁଖ ଯୋଗଦାନ କରିଥିଲେ । ଭୂତ ପୂର୍ବ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘ ଚିତ ରଞ୍ଜନ ତରାସିଆ ମୁଖ୍ୟମନ୍ତ୍ରୀ ଓଡ଼ିଶାଙ୍କୁ ଓଡ଼ିଶା ଅମଲା ସଂଘ ଲେଟର ପେଡ୍ ରେ ଭୁଲ୍ ତଥ୍ୟ ପ୍ରଦାନ କରିବା ଓ ଗୃହ ବିଭାଗ ସଚିବଙ୍କ ଆଦେଶକୁ ଅବମାନନା କରିବା, ଗୃହ ବିଭାଗ ସଚିବଙ୍କ କଡ଼ା ନିର୍ଦ୍ଦେଶ ସତ୍ୱେ ରାଜସ୍ୱ ଅମଲାଙ୍କୁ ସମ୍ମିଳନୀରେ ସାମିଲ କରିବା ସହ ନିର୍ବାଚନ ନାଁ ରେ ଲୁକ୍କାୟିତ ଭାବେ ଚୟନ କରିବା ଓ ଗୃହ ବିଭାଗ ସଚିବଙ୍କ ନିକଟରେ ଜାଲିଆତି ତଥ୍ୟ ଉପସ୍ଥାପନା କରିବା ଯୋଗୁଁ ଚିତ ରଞ୍ଜନ ତରାସିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହ ତାଙ୍କୁ ଚାକିରିରୁ ବହିଷ୍କାର କରି ଗିରଫ କରିବା ପାଇଁ ଦାବୀ କରିଥିଲେ । ଏ ନେଇ ଶ୍ରୀ ତରାସିଆଙ୍କୁ ଗୃହ ବିଭାଗ ସଚିବ କାରଣ ଦର୍ଶାଅ ନୋଟିସ ଜାରୀ କରିଛନ୍ତି । ପୂର୍ବ ସରକାର ସମୟରେ ଶ୍ରୀ ତରାସିଆ ରାତି ଅଧରେ ସରକାରଙ୍କ ସହିତ ସଲାସୁତୁରା କରି ରାତ୍ରୀ ୧୧ଟା ୫୭ ମିନିଟ୍ ରେ ସୂଚନା ଦେଇ ଓଡ଼ିଶା ଅମଲା ସଂଘର ଆନ୍ଦୋଳନକୁ ବନ୍ଦ କରେଇ ଦେଇଥିଲେ ଓ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ ପ୍ରତି କୁଠାରଘାତ କରିଥିବା ଶ୍ରୀ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଅବହେଳିତ ଅବସ୍ଥାରେ ଭଣ୍ଡା ଗ୍ରାମ୍ୟ ଉଦ୍ୟାନ ପାର୍କ

ଚମ୍ପୁଆ,୨୦/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମପଂଚାୟତରେ ନିର୍ମିତ ଗ୍ରାମ୍ୟ ଉଦ୍ୟାନ ପାର୍କ ଏବେ ଅବହେଳାର ଶୀକାର ହୋଇଛି। ଗ୍ରାମବାସୀଙ୍କ ମନୋରଞ୍ଜନ ଓ ପ୍ରାତଃ ଭ୍ରମଣ ପାଇଁ ଉଦ୍ଦିଷ୍ଟ ଏହି ପାର୍କଟି ଏବେ ଅଳିଆ ଗଦା ଓ ଜଙ୍ଗଲରେ ପରିଣତ ହୋଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପାର୍କଟି ଏବେ ଅନାବନା ଗଛଲତାରେ ଭରିଯାଇଥିବାରୁ ଏଠାରେ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ପାଇଁ ଲୋକେ ଆସିବାକୁ ଭୟ କରୁଛନ୍ତି। ପାର୍କରେ ରହିଥିବା ସୌର ଆଲୋକ ବ୍ୟବସ୍ଥା ଅଚଳ ହୋଇ ପଡିଛି। ଏହା ଚୋରି ହୋଇଛି କି ନଷ୍ଟ ହୋଇଯାଇଛି ତାହା ସ୍ପଷ୍ଟ ହେଉନାହିଁ। ଏହାବ୍ୟତୀତ, ପାର୍କରେ ଥିବା ସୌରକୂପଟି ଅକାମୀ ହୋଇପଡ଼ିଥିବା ବେଳେ ଶୌଚାଳୟ ଗୁଡ଼ିକ ମଧ୍ୟ ବ୍ୟବହାର ଅନୁପଯୋଗୀ ହୋଇ ରହିଛି। ପାର୍କରେ ଲାଗିଥିବା ସୁନ୍ଦର ଫୁଲଗଛ ଗୁଡିକର ଚିହ୍ନବର୍ଣ୍ଣ ନାହିଁ। ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନତା ପ୍ରକାଶ କରୁଥିବା ଅଭିଯୋଗ ହୋଇଛି।

# ବଜ୍ରପାତରେ ଗୋଟିଏ ପରିବାରର ୪ ଆହତ ଓ ୪ ଜଣ ଗୁରୁତର, ୩ଟି ଛେଳି ଓ ୪ଟି କୁକୁଡା ମୃତ

ନୀଳଗିରି,୨୦/୦୭ (ନି.ପ୍ର): ଘରେ ଶୋଇଥିବା ଅବସ୍ଥାରେ ହଠାତ୍ ପଡ଼ିଲା ବଜ୍ରପାତ, ଗୋଟିଏ ପରିବାରର ୮ ଜଣଙ୍କ ମଧ୍ୟରୁ ୪ ଜଣ ଆହତ ଓ ୪ ଜଣ ଗୁରୁତର। ଏହି ବଜ୍ରାଘାତରେ ୩ଟି ଛେଳି ଓ ୪ କୁକୁଡା ମରି ଯାଇଛନ୍ତି। ସୂଚନା ନୀଳଗିରି ବ୍ଲକ ବରହମପୁର ଥାନା କେସିପୁର ପଞ୍ଚାୟତର ବୁଦୁଡ଼ାହି ଗ୍ରାମର ରଘୁ ସିଂ ଓ ତାଙ୍କ ଭାଇର ପରିବାର ଲୋକେ ଘରେ ଶୋଇଥିବା ବେଳେ ହଠାତ୍ ବିଳମ୍ବିତ ରାତ୍ରିରେ ବଜ୍ରପାତ ହୋଇଥିଲା। ବଜ୍ରାଘାତ ହେବା ଯୋଗୁଁ ରଘୁ ସିଂ ର ସ୍ତ୍ରୀ, ଭାଇ, ପୁଅ, ଝିଆରୀ, ଭଉଣୀ, ଭାଣିଜୀ, ଭଣଜା ପ୍ରମୁଖ ମଧ୍ୟରୁ ଚାରି ଜଣ ଆହତ ଓ ଚାରି ଜଣ ଗୁରୁତର ହୋଇଥିଲେ। ପରେ ଗାଁ ଲୋକେ ଉଦ୍ଧାର କରି ପ୍ରଥମେ ବରହମପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ ପରେ ଅଧିକ ଗୁରୁତର ହେବାରୁ ପାଞ୍ଚ ଜଣଙ୍କୁ ରେମୁଣା ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଛି। ଖବର ଲେଖିବା ବେଳକୁ ଚାରି ଜଣ ଗୁରୁତର ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ହେବାରୁ ରେମୁଣା ମେଡିକାଲ୍ କଲେଜରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଜାଇଛି। ବଜ୍ରାଘାତ ପରିବାରର ୩ ଜଣ ମହିଳା, ଦୁଇ ଜଣ ପୁରୁଷ ଓ ୩ ଜଣ ଶିଶୁ ଅଛନ୍ତି। ରେମୁଣା ମେଡିକାଲ୍ କଲେଜରେ ଚିକିତ୍ସା ହେଉଥିବା ଜଣେ ପାଞ୍ଚ ବର୍ଷ, ତିନି ବର୍ଷ ଆଉ ଜଣେ ସାତ ମାସର ଶିଶୁ ସହିତ ଉକ୍ତ ପରିବାରର ଜଣେ ମହିଳା ଙ୍କ ଚିକିତ୍ସା ଚାଲିଥିବାବେଳେ ଏଭଳି ଏକ ଦୁଃଖଦ ପରିସ୍ଥିତି ସମୟରେ ସେଠାରେ ଉପସ୍ଥିତ ଥିବା ପରିବାର ଲୋକଙ୍କ ପାଖରେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ ଏବଂ ସେହି ପଞ୍ଚାୟତର କିଛି ବିସିନ୍ଦା ମେଡିକାଲରେ ପହଞ୍ଚି ଦିନ ତମାମ ସେଠାରେ ରହି ସହଯୋଗର ହାତ ବଢାଇଥିଲେ।

# ଶିକ୍ଷା, ସଂସ୍କାର ଏବଂ ଆଧୁନିକତାର ଅପୂର୍ବ ସମନ୍ୱୟ: ବାଲେଶ୍ୱର ରୂପସାର 'ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ' ସାଜିଛି ଆଦର୍ଶ

ବସ୍ତା ,୨୦/୦୭ (ନି.ପ୍ର):ଆଜିର ପ୍ରତିଯୋଗିତାମୂଳକ ଯୁଗରେ ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକର ଜ୍ଞାନ ଦେଇ ରୋବଟ୍ ଭଳି ଗଢ଼ିତୋଳିବା ଯଥେଷ୍ଟ ନୁହେଁ। ଆଧୁନିକ ବୈଜ୍ଞାନିକ ଶିକ୍ଷା ସହିତ ମାନବୀୟ ମୂଲ୍ୟବୋଧ, ସଂସ୍କାର ଏବଂ ଆଧ୍ୟାତ୍ମିକ ଚେତନାର ବିକାଶ ହିଁ ପ୍ରକୃତ ଶିକ୍ଷା। ଏହି ମହତ ଉଦ୍ଦେଶ୍ୟକୁ ପାଥେୟ କରି ବାଲେଶ୍ୱର ଜିଲ୍ଲା ରୂପସା ଅନ୍ତର୍ଗତ ପିଞ୍ଛାବଣିଆଠାରେ ଶିକ୍ଷା କ୍ଷେତ୍ରରେ ଏକ ଅଭୂତପୂର୍ବ କ୍ରାନ୍ତି ଆଣିଛି 'ବୈଦିକ ଗୁରୁକୁଳ ଶିକ୍ଷାଶ୍ରମ'। ୨୦୨୫ ମସିହାରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନଟି ଖୁବ୍ କମ୍ ଦିନ ମଧ୍ୟରେ ନିଜର ଅନନ୍ୟ ଶିକ୍ଷାଦାନ ଶୈଳୀ ପାଇଁ ସମଗ୍ର ଜିଲ୍ଲାରେ ଏକ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସର୍ବାଙ୍ଗୀନ ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ:ନର୍ସରୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ଏହି ଗୁରୁକୁଳରେ ଛାତ୍ରଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଉପରେ ସର୍ବାଧିକ ଧ୍ୟାନ ଦିଆଯାଉଛି। ଏଠାରେ ପିଲାମାନେ ସାଧାରଣ ସ୍କୁଲ ଭଳି କେବଳ ଗଣିତ, ବିଜ୍ଞାନ କିମ୍ବା ଇଂରାଜୀ ପଢ଼ନ୍ତି ନାହିଁ, ବରଂ ନିଜର ମାନସିକ, ଶାରୀରିକ ଏବଂ ବୌଦ୍ଧିକ ବିକାଶର ପରିପ୍ରକାଶ କରନ୍ତି। ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ଆତ୍ମନିର୍ଭରଶୀଳ କରି ଗଢ଼ିତୋଳିବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ଯଜ୍ଞ ଓ ଯୋଗ ମାଧ୍ୟମରେ ସଂସ୍କାର ଶିକ୍ଷା: ଏହି ଗୁରୁକୁଳର ଦୈନନ୍ଦିନ କାର୍ଯ୍ୟସୂଚୀ ଅତ୍ୟନ୍ତ ପବିତ୍ର ଓ ବୈଜ୍ଞାନିକ। ଏଠାରେ ଛାତ୍ରଛାତ୍ରୀମାନେ ନିୟମିତ ଭାବେ 'ଯଜ୍ଞ' ଓ ଅଗ୍ନିହୋତ୍ରରେ ସାମିଲ ହୁଅନ୍ତି, ଯାହା ପରିବେଶକୁ ଶୁଦ୍ଧ କରିବା ସହ ପିଲାମାନଙ୍କ ମନରେ ଏକାଗ୍ରତା ଓ ସକରାତ୍ମକ ଶକ୍ତି ଜାଗ୍ରତ କରିଥାଏ। ଏହାସହିତ 'ଯୋଗ' ଏବଂ ପ୍ରାଣାୟାମକୁ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ କରାଯାଇଛି। ନିୟମିତ ଯୋଗଭ୍ୟାସ ଦ୍ୱାରା ପିଲାମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ ସୁଦୃଢ଼ ହେବା ସହ ମାନସିକ ଚାପ ଦୂର ହେଉଛି ଏବଂ ସେମାନଙ୍କର ସ୍ମରଣ ଶକ୍ତି ଅସାଧାରଣ ଭାବେ ବୃଦ୍ଧି ପାଉଛି। ବୈଦିକ ମନ୍ତ୍ରୋଚାରଣ ଓ ଯୋଗର ଏହି ମହାମିଳନ ପିଲାମାନଙ୍କୁ ଶୃଙ୍ଖଳିତ ଏବଂ ସଂସ୍କାରୀ କରୁଛି। ଅଭିଜ୍ଞ ମାର୍ଗଦର୍ଶନ ଓ ଯୁବ ନେତୃତ୍ୱର ସଫଳ ସମନ୍ୱୟ: ଏହି ଶିକ୍ଷାଶ୍ରମର ଦ୍ରୁତ ଅଗ୍ରଗତି ପଛରେ ରହିଛି ଅଭିଜ୍ଞତାର ମୂଳଦୁଆ ଏବଂ ଯୁବ ଶକ୍ତିର ଉତ୍ସାହ। କଶୀପଦା ପଞ୍ଚାୟତ ହାଇସ୍କୁଲର ସୁନାମଧନ୍ୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଅନନ୍ତ କୁମାର ସାହୁ ଙ୍କ ପ୍ରତ୍ୟକ୍ଷ ଗାଇଡାନ୍ସ ଓ ସୁଚିନ୍ତିତ ମାର୍ଗଦର୍ଶନ ବିଦ୍ୟାଳୟକୁ ଶିକ୍ଷା କ୍ଷେତ୍ରରେ ଏକ ଦୃଢ଼ ଦିଗଦର୍ଶନ ଦେଇଛି। ଅପରପକ୍ଷରେ, ଅନୁଷ୍ଠାନର ଶାରୀରିକ ଓ ବୌଦ୍ଧିକ ବିକାଶର ମଙ୍ଗ ଧରିଛନ୍ତି ମାତ୍ର ୨୫ ବର୍ଷୀୟ ଯୁବ, ଶକ୍ତିଶାଳୀ ଏବଂ ଉଚ୍ଚଶିକ୍ଷିତ ପ୍ରିନ୍ସିପାଲ୍ ଶ୍ରୀଯୁକ୍ତ ଗଣେଶ ପାଢ଼ୀ। ଶ୍ରୀ ପାଢ଼ୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଓ ଆଧୁନିକ ଶିକ୍ଷା କୌଶଳ ଯୋଗୁଁ ଗୁରୁକୁଳଟି ଏକ ନୂତନ ଶିଖର ଅଭିମୁଖେ ଗତି କରୁଛି। ଏହି ସଫଳ ଯାତ୍ରାରେ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଦସ୍ୟଙ୍କ ନିରନ୍ତର ସହଯୋଗ ଓ ସମର୍ଥନ ଏକ ଶକ୍ତିଶାଳୀ ସ୍ତମ୍ଭ ସଦୃଶ କାର୍ଯ୍ୟ କରୁଛି। ଆଧୁନିକ ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା: ପ୍ରାଚୀନ ଗୁରୁକୁଳ ପରମ୍ପରାକୁ ଅନୁସରଣ କରୁଥିଲେ ମଧ୍ୟ ଏହି ଅନୁଷ୍ଠାନ ଆଧୁନିକ ବିଜ୍ଞାନ ଓ କମ୍ପ୍ୟୁଟର ଶିକ୍ଷା କ୍ଷେତ୍ରରେ କାହାଠାରୁ କମ୍ ନୁହେଁ। ଡିଜିଟାଲ୍ ଶିକ୍ଷା ପ୍ରଣାଳୀ ଏବଂ ବୈଜ୍ଞାନିକ ଦୃଷ୍ଟିକୋଣ ମାଧ୍ୟମରେ ପିଲାମାନଙ୍କୁ ଭବିଷ୍ୟତର ଜଗତ ପାଇଁ ପ୍ରସ୍ତୁତ କରାଯାଉଛି, ଯେପରି ସେମାନେ ଜାତୀୟ ସ୍ତରରେ ଯେକୌଣସି ପ୍ରତିଯୋଗିତାରେ ସଫଳତା ହାସଲ କରିପାରିବେ। ବୈଦିକ ଗୁରୁକୁଳ ଶିକ୍ଷାଶ୍ରମର ଏହି ଅନନ୍ୟ ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଏବଂ ଅଭିଭାବକମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ଆଗାମୀ ଦିନରେ ଏହି ଶିକ୍ଷାଶ୍ରମ ସମଗ୍ର ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜିବ ଏଥିରେ କୌଣସି ସନ୍ଦେହ ନାହିଁ।

# ବାରିପଦାରେ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ

## ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ସହ ଉପମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାଳାପ

## ତୃଣମୂଳ ସ୍ତରର ସମସ୍ୟାର ସମାଧାନକୁ ସର୍ବାଧିକ ପ୍ରାଥମିକତା : ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା



ବାରିପଦା,୨୦/୦୭ (ନି.ପ୍ର): ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମ୍.ଏସ୍.ସି.ବି.) ବିଶ୍ୱବିଦ୍ୟାଳୟ କନଭେନସନ୍ ହଲ୍‌ରେ ସୁଭଦ୍ରା ଶକ୍ତି ଭିଜନ୍ ସମ୍ମିଳନୀର ଦ୍ୱିତୀୟ ଦିନ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ସହ ଏକ ସ୍ୱତନ୍ତ୍ର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇ କହିଥିଲେ ଯେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସମାଜର ଶେଷ ସ୍ତରର ଲୋକଙ୍କ ପାଖରେ ସରକାରଙ୍କ ଜନହିତକର ଯୋଜନାକୁ ପହଞ୍ଚାଉଥିବା ପ୍ରମୁଖ ଆଧାର । ସେମାନଙ୍କ ତୃଣମୂଳ ସ୍ତରର ସମସ୍ୟାର ସମାଧାନ ଏବଂ କାର୍ଯ୍ୟପରିବେଶର ଉନ୍ନତି ରାଜ୍ୟ ସରକାରଙ୍କ ପ୍ରାଥମିକତା ବୋଲି ସେ କହିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ, 'ସୁଭଦ୍ରା' ଯୋଜନାର ସଫଳ କାର୍ଯ୍ୟାନ୍ୱୟନରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମିର ବିକାଶ, ପାଚେରି ନିର୍ମାଣ, ସୁପରଭାଇଜର ପଦବୀ ପୂରଣ, ଏସ୍.ଏନ୍.ପି. ଅନ୍ତର୍ଗତ ଅଣ୍ଡାର ମୂଲ୍ୟ ବୃଦ୍ଧି ସମେତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସରକାର ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରୁଛନ୍ତି । ସେହିପରି ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପ୍ରକ୍ରିୟା ଜିଲ୍ଲା ଓ ବ୍ଲକ୍ ସ୍ତରରେ ଚାଲିଥିବା ବିଷୟ ମଧ୍ୟ ସେ ସୂଚନା ଦେଇଥିଲେ । ଏହି ଅବସରରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ସମାଜରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପ୍ରାରମ୍ଭିକ ଶିକ୍ଷାର ଦୃଢ଼ ଭିତ୍ତି ସୃଷ୍ଟି କରୁଛନ୍ତି । ସେମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ଯୋଗୁଁ ସରକାରଙ୍କ କଲ୍ୟାଣମୂଳକ ଯୋଜନାଗୁଡ଼ିକ ସଫଳତାର ସହ ଲୋକଙ୍କ ନିକଟରେ ପହଞ୍ଚିପାରୁଛି । ସରକାର ସେମାନଙ୍କ କାର୍ଯ୍ୟକୁ ସର୍ବଦା ସମ୍ମାନ ଦେବା ସହ ସେମାନଙ୍କ କଲ୍ୟାଣ ଓ ସୁବିଧା ପ୍ରତି ପ୍ରତିବଦ୍ଧ ବୋଲି ସେ କହିଥିଲେ । ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୮୦୦ରୁ ଅଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ଏହି ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ମତବିନିମୟ କରିଥିଲେ । ଏହି ଅବସରରେ ସେମାନେ ତୃଣମୂଳ ସ୍ତରରେ କାର୍ଯ୍ୟ କରିବା ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ପରାମର୍ଶ ଓ ଦାବି ଉପସ୍ଥାପନ କରିଥିଲେ । ଉପମୁଖ୍ୟମନ୍ତ୍ରୀ ସେଗୁଡ଼ିକର ଗୁରୁତ୍ୱର ସହ ସମୀକ୍ଷା କରି ଯଥାଶୀଘ୍ର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ଶ୍ରୀ ପ୍ରକାଶ ସୋରେନ, ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଃଖବନ୍ଧୁ ନାୟକ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ କୃତିବାସ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସଂଯୁକ୍ତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

# ପୂତିଗନ୍ଧମୟ ପିତଳ ବଜାର, ଡ୍ରେନପାଣି ରୋଡ ଉପରେ ଭାସୁଛି

ଗଞ୍ଜାମ,୨୦/୦୭ (ନି.ପ୍ର): ପିତଳ ଅଂଚଳ ମାଲେରିଆ, ଡ଼େଙ୍ଗୁ ଓ ଫାଇଲେରିଆ ପ୍ରବଣ ଅଂଚଳ ରୂପେ ବେଶ୍ ପରିଚିତ। ନିୟମିତ ଡ୍ରେନ୍ ସଫା ହେଉନଥିବାରୁ ଡ୍ରେନରେ ପଚାପାଣି ଜମି ମଶାମାଛିଙ୍କ ବଂଶ ବିସ୍ତାର ହେଉଛି। ଡ୍ରେନପାଣି ରୋଡ ଉପରେ ଭାସି ଲୋକଙ୍କ ଘର ସମ୍ମୁଖରେ ଜମି ରହିବା ଫଳରେ ଲୋକେ ଦୁର୍ଗନ୍ଧରେ ଘରେ ରହି ପାରୁନାହାନ୍ତି ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। କେତେକ ଲୋକ ଡ୍ରେନ୍ ରେ ମାଟି ପକାଇ ଅବରୋଧ କରି ଡ୍ରେନ୍ ଉପରେ ଟ୍ରକ, କାର, ଜେସିବି ଓ ବୁଲଡୋଜର ରଖି ଷ୍ଟାଣ୍ଡ କରିବା ଫଳରେ ଡ୍ରେନ୍ ସଫା ହୋଇ ପାରୁନାହିଁ। ତୁରନ୍ତ ପିତଳ ପଂଚାୟତ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଡ୍ରେନ୍ ଉପରୁ ଯାନବାହାନ ହଟାଇ ବଜାର ନାଳନର୍ଦ୍ଦମା ସଫା କରିବାକୁସାଧାରଣରେ ଦାବି ହେଉଛି। ଡ୍ରେନ୍ ଉପରେ ମାଟି ପକାଇ ଯେଉଁମାନେ ଯାନବାହାନ ଷ୍ଟାଣ୍ଡ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ଏବଂ ହିଞ୍ଜିଳିକାଟୁ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।


13001/1233/2627

OFFICE OF THE MUNICIPAL COUNCIL, BALASORE.
Tel & Fax No. 06782-251222
e-mail :- balasoremunicipality@rediffmail.com.

Letter No. 5208 / Dt. 15.07.2026/

**1st Corrigendum Notice**

Due to some unavoidable circumstances, the date of receipt of the technical bid is extended upto 30.07.2026 till 04.30 PM and the same will be opened on 31.07.2026 at 11.30 AM. Further, it is for the information of the general public that the lease time will be 3 (Three) years and extension will be for another 2 (Two) years subject to obtaining permission from Collector & District Magistrate, Baleshwar.This is with reference to the EOI published vide this office No. 4451 Dt. 09.07.2026. All other terms and conditions shall remain unchanged.

Executive Officer
Baleshwar Municipality

OIPR: 13001/13154/1/26-27/0022


# ଘୋଷରଡା ଗ୍ରାମରେ ସିଓ୍ୱାର ତୃତୀୟ ପର୍ଯ୍ୟାୟ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଜୟପୁର,୨୦/୦୭ (ନି.ପ୍ର): ପରିବେଶ ସୁରକ୍ଷା ଓ ସବୁଜିମା ବୃଦ୍ଧି ଲକ୍ଷ୍ୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଓ୍ୱା ପକ୍ଷରୁ ଚାଲିଥିବା ବୃକ୍ଷରୋପଣ ଅଭିଯାନର ତୃତୀୟ ପର୍ଯ୍ୟାୟ ଘୋଷରଡା ଗ୍ରାମରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜାମୁ, ବୋର, ନିମ୍ବ, ସୀତାଫଳ, ଚାକୁଣ୍ଡା, କୃଷ୍ଣଚୂଡ଼ା, ବିଷ୍ଣୁଚୂଡ଼ା, ପଣସ, ଅଁଳା ଓ ବାହାଡ଼ା ମୋଟ ୧୨୦ଟି ଚାରା ରୋପଣ କରାଯାଇଥିଲା। ସିଓ୍ୱାର ସମ୍ପାଦକ ପ୍ରତାପ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ ଶେଖର, ଆନନ୍ଦ ମୁଦ୍ରା, କେ. ମୋହନ ରାଓ, ରମେଶ ପଟ୍ଟନାୟକ ଓ ପ୍ରଦୀପ୍ତ ସାହୁ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ଶିକ୍ଷୟିତ୍ରୀ ଏ. ସୁଜାତା ଏବଂ ଜି. କାବ୍ୟାଞ୍ଜଳି ମଧ୍ୟ ଉତ୍ସାହର ସହ ବୃକ୍ଷରୋପଣରେ ସାମିଲ୍ ହୋଇଥିଲେ।

# ଆଧ୍ୟାତ୍ମିକ ପତ୍ରିକା 'ମହାବାହୁ'ର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ




ଉଦଳା , ୨୦/୭ (ନି.ପ୍ର): ଭକ୍ତିଜ୍ଞାନ ସଂଚାର ସେବାସମିତି, ଉଦଳା ଆନୁକୁଲ୍ୟରେ ଉଦଳାସ୍ଥିତ ସନ୍ଧାନଗୃହ ପରିସରରେ ଅନୁଷ୍ଠାନର ଉପଦେଷ୍ଟା ଡ଼ଃ ଦିଲୀପ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଓ ସଂପାଦକ ରବିକାନ୍ତ ମହାପାତ୍ରଙ୍କ ସଂଯୋଜନାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବାବେଳେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା ଉଦ୍‌ଘାଟିକା ଭାବରେ, ବିଶିଷ୍ଟ ଅତିଥି ଭାବରେ ଉଦଳା ରଥଯାତ୍ରାର ଗଜପତି ଇଂ. ସୁବାସଚନ୍ଦ୍ର ପଣ୍ଡା, ମୁଖ୍ୟ ବକ୍ତା ଭାବରେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ଡ଼. ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ବକ୍ତା ଭାବରେ ମହାବାହୁର ସଂପାଦକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବିକାନ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧାପକ ଭୋଳାନାଥ ସାହୁ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ସାରସ୍ୱତସାଧକ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ମଂଚାସୀନ ଥାଇ 'ଓଡ଼ିଶାର ଧାର୍ମିକ ପରଂପରାରେ ଅନନ୍ୟ ଶ୍ରୀ ଜଗନ୍ନାଥ' ଶୀର୍ଷକ ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ପ୍ରଦୀପ୍ତ କୁମାର ମିଶ୍ର ତାଙ୍କର ଅଭିଭାଷଣରେ ଜଗନ୍ନାଥ ଦର୍ଶନ ଓ ଚେତନାକୁ ବିଶ୍ଳେଷଣ କରି ଜଗନ୍ନାଥଙ୍କୁ ନେଇ ବହୁ ଅଲୌକିକ ଘଟଣା ମାନଙ୍କର ଅବତାରଣା କରିଥିଲେ । ବାର୍ଷିକ ଉତ୍ସବ ଅବସରରେ ୨୦୨୬ ବର୍ଷର "ମହାବାହୁ"କୁ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା ବେଳେ ଜଗନ୍ନାଥ ଚେତନାରେ ବିଶ୍ୱାସ କରୁଥିବା ଉପଖଣ୍ଡର ଦୁଇଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ସାଂସଦ ବୀରଭଦ୍ର ସିଂହ ଓ ଯଶସ୍ୱୀ ଏନ୍.ଆଇ.ଟି ପ୍ରଫେସର ଡ଼ଃ ଚକ୍ରଧର ପଣ୍ଡାଙ୍କୁ ଉପଢ୍ୌକନ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାର ପ୍ରାରମ୍ଭରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଉଥିବା ବେଳେ ଶ୍ରୀମତୀ ପ୍ରମିଳା ଜେନା ଓ ଦୀପ୍ତିଲତା ମିଶ୍ର ଜଗନ୍ନାଥଷ୍ଟକ ପାଠ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଆରମ୍ଭ ହେବା ପରେ ପରେ କଣ୍ଠଶିଳ୍ପୀ ସ୍ମୃତିରେଖା ନାୟକ ଜଗନ୍ନାଥ ଭଜନ ପରିବେଷଣ କରିଥିବାବେଳେ ମହାବାହୁର ସଂପାଦକ ରବିକାନ୍ତ ମହାପାତ୍ର ଅନୁଷ୍ଠାନର ବାର୍ଷିକ ବିବରଣୀ ପଠନ କରିଥିଲେ । ସଭାର ମଧ୍ୟାନ୍ତରରେ କଣ୍ଠଶିଳ୍ପୀ ସୁଶ୍ରୀ ସୁକାନ୍ତି ସୋରେନ୍, ଶିକ୍ଷକ ପ୍ରିୟବ୍ରତ ବାରିକ୍, ସୁଶ୍ରୀ ଅଭିପ୍ସା ମହାପାତ୍ର, ସ୍ୱୟଂସିଦ୍ଧା ପରିଡ଼ା ଓ ସୁଶ୍ରୀ ପ୍ରଲିପ୍ସା ମହାପାତ୍ର ଜଗନ୍ନାଥ ଭଜନ ପରିବେଷଣ କରିଥିଲେ । ସଭା ଶେଷରେ ଭକ୍ତିଜ୍ଞାନ ସଂଚାର ସେବା ସମିତିର ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିଲେ ସେମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର କୁମାର କଟୁଆଳ, ଡ଼ଃ ଶ୍ୟାମସୁନ୍ଦର ପଣ୍ଡା, ସଂଗଠକ ମନୋରଂଜନ ମଲ୍ଲିକ, ଶିଶୁସାହିତିକ ଶ୍ରୀକାନ୍ତ ପ୍ରସାଦ ବେହେରା, ଶିକ୍ଷାବିତ ଶତ୍ରୁଘ୍ନ ସାମଲ, ଅମ୍ବୁଜ କୁମାର ପରିଚ୍ଛା, ରବିନ୍ଦ୍ରନାଥ ଆଚାର୍ଯ୍ୟ, ଜ୍ୟୋସ୍ନା ରାୟ, ବରିଷ୍ଠ ନାଗରିକ ସଂଘର ସଭାପତି ଡ଼ା.ସଚିଦାନନ୍ଦ ପରିଡ଼ା,କବି ପ୍ରଫୁଲ କୁମାର ଖିଲାର, ବରିଷ୍ଠ ନାଗରିକ ସଂଘ, ଉଦଳାର ସଂପାଦକ ପୁର୍ଣ୍ଣଚନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ଦେବବ୍ରତ ବାରିକ୍, ବରିଷ୍ଠ ସାଂବାଦିକ ସୁବ୍ରତ ମହାନ୍ତି, ଶିକ୍ଷାବିତ ଶଶିଧର ବାରିକ୍ ଓ ପ୍ରଧାପକ ସୌମେନ୍ଦ୍ର ଦାଶ ପ୍ରମୁଖ ଥିଲେ ।

# ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାର ଚତୁର୍ଥ ଦିବସ ଅବସରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ଜଳେଶ୍ୱର, ୨୦/୭ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ର ଚତୁର୍ଥ ଦିବସ ଅବସରରେ ଶ୍ରୀ ଗୁଣ୍ଡିଚା ମାଉସୀମା ମନ୍ଦିର, ଜଳେଶ୍ୱର ପରିସରରେ ପ୍ରତିଭା ଅନ୍ୱେଷଣ କୁନି କୁନି ପିଲାମାନେ ନୃତ୍ୟାଭିନୟ ଓ ସଂଗୀତ ପ୍ରତିଯୋଗୀତାର ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ବିଚାରକ ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଓ ପ୍ରାକ୍ତନ ଶିକ୍ଷକ କମଳ ଲୋଚନ ମହାପାତ୍ର, ଟ୍ରଷ୍ଟ ସଭାପତି ଚନ୍ଦନ କୁମାର ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ନିଳାଦ୍ରୀ କର,ଯୋଗଦାନ କରିଥିଲେ। ସିନିୟର୍ ନୃତ୍ୟ ବିଭାଗରେ ପଥମ ରାଜଶ୍ରୀ ଦାସ, ଦ୍ୱିତୀୟ ଅନୁସୂୟା ପାଳ, ତୃତୀୟ ସୁଚିତ୍ରା ମହାପାତ୍ର ଜୁନିୟର ନୃତ୍ୟ ବିଭାଗରେ ପ୍ରଥମ ଶ୍ରଦ୍ଧାଶ୍ରୀ ମହାପାତ୍ର, ଦ୍ୱିତୀୟ ପ୍ରିତମ ପ୍ରିୟଦର୍ଶିନୀ ପ୍ରଧାନ, ତୃତୀୟ ତନଭି ଦାସ ଙ୍କୁ ମୋମେଣ୍ଟ ଓ ଉପାଦେୟ ପୁସ୍ତକ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ମଞ୍ଚରେ ଡଃ ଅଜିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ, କମଳଲୋଚନ ମହାପାତ୍ର,ଉପସ୍ଥିତ ଥିଲେ ଟ୍ରଷ୍ଟ ସଦସ୍ୟ ସମୀର କୁମାର ପାତ୍ର,ସମାଜ ସେବୀ ଅମର କୁମାର ବେହେରା,ମଞ୍ଚ ଆମନ୍ତ୍ରଣ କରିଥିଲେ ଚନ୍ଦନ କୁମାର ବେଜ, ଧନ୍ୟବାଦ ଅର୍ପଣ କରିଥିଲେ ଅମର କୁମାର ବେହେରା।

# ପାଣି ନିଷ୍କାସନ ପଥ ଅବରୋଧ ଏବଂ ଚାଷୀମାନଙ୍କ ଧାନତଳି ନଷ୍ଟ

ବାସୁଦେବପୁର, ୨୦/୭ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ଗ୍ରାମର ବାଉତି ନାଳ ଜଳ ନିଷ୍କାସନ ପଥ ଅବରୋଧ କରା ଯାଇ ଥିବାରୁ ଗୋଟିଏ ଏକର ଧାନ ତଳି ନଷ୍ଟ ହୋଇ ଯାଇଛି ବୋଲି କିଛି ଚାଷୀ ଅଭିଯୋଗ କରିଛନ୍ତି। ବାଉତି ନାଳ ଚାଷୀ ତଥା କୃଷକ ଭାଇ ମାନଙ୍କ ଜୀବନ ଧନ ବୋଲି କୁହାଯାଏ। ଏହି ନାଳ ଦେଇ ପାଟ ବିଲ ଓ ଗହୀର ବିଲକୁ ପାଣି ଯାଇଥାଏ। ଆବଶ୍ୟକ ସ୍ଥଳେ ଚାଷୀ ମାନେ ନାଳ ରୁ ପାଣି ବାହି କ୍ଷେତରେ ବ୍ୟବହାର କରିଥାନ୍ତି। କୋଷ୍ଟ କେନାଲ ରାସ୍ତାର କଲଭଟ ଜରିଆରେ ପାଣି ନିଷ୍କାସିତ ହୋଇ କେନାଲରେ ପଡ଼ିଥାଏ। ଦୀର୍ଘ ବର୍ଷ ଧରି ଏହି ନାଳରେ ପାଣି ନିଷ୍କାସିତ ହୋଇ ଆସୁଚି। କଲଭଟ ନିକଟରେ ନାଳର ପାଣି ନିଷ୍କାସନ ପଥକୁ କିଛି ଲୋକ ସେମାନଙ୍କ ଜମି ଦାବି କରି ଅବରୋଧ କରିଛନ୍ତି। ଅତ୍ୟଧିକ ବର୍ଷା ପାଇଁ ପାଣି ନିଷ୍କାସିତ ହୋଇ ନ ପାରି ବାଉତି ନାଳ ଦୁଇ ପାଖରେ ପଡିଥିବା ଧାନ ତଳି ନଷ୍ଟ ହୋଇ ଯାଇଛି। ଅନେକ ଧାନ ତଳି ନଷ୍ଟ ହୋଇ ଯାଇଛି ବୋଲି ଶରତ ନାୟକ,ରାଜେନ୍ଦ୍ର ନାୟକ,ଖୁଦିରାମ ବଳ,ଶରତ ପୁହାଣ, ସୁବାସ ପୁହାଣ, ଦିବାକର ଜେନା, ଅଭୟ ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ନାଳ ଅବରୋଧ ଯୋଗୁଁ ଶ୍ରୀବତ୍ସପୁର, ଜୀବନପୁର, ମାଟିପକା, କେଳା ସାହି, ଲକ୍ଷ୍ମୀଦାସପୁର ପ୍ରଭୃତି ଅଞ୍ଚଳର ଚାଷୀ ମାନେ ପ୍ରଭାବିତ ହୋଇଛନ୍ତି। ତଳି ନଷ୍ଟ ହୋଇ ଯିବା ପରେ ଚାଷୀ ମାନେ ଅଧିକ ଚିନ୍ତାରେ ପଡ଼ି ଯାଇଛନ୍ତି। ଏହି ଘଟଣା ସମ୍ପର୍କରେ ସେମାନେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଜଣାଇଛନ୍ତି। ଏହି ସମସ୍ୟାକୁ ଗୁରୁତ୍ୱ ଦିଆ ଯାଉନଥିବାରୁ ଚାଷୀ ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ପାଣି ନିଷ୍କାସନ ପଥରୁ ତୁରନ୍ତ ଅବରୋଧ ନ ହଟାଇଲେ ଚାଷୀ ଭାଇ ମାନେ ଆଗାମୀ ଦିନରେ ଆନ୍ଦୋଳନ ଓ ଅନଶନ କରିବା ସହିତ ରାସ୍ତାରେ ଧାରଣା ଦେବେ ବୋଲି ସତର୍କ ସୂଚନା ଦେଇଛନ୍ତି।

# ପୁରୀ ରଥଯାତ୍ରାରେ ଇଫ୍‌କୋ ପକ୍ଷରୁ ନିଃଶୁଳ୍କ ହୁଇଲ୍ ଚେୟାର ଓ ଶୁଖିଲା ଖାଦ୍ୟ ସେବା ପ୍ରଦାନ




ପାରାଦୀପ, ୨୦/୭ (ନି.ପ୍ର): ପାରାଦୀପଠାରେ ଥିବା ବିଶ୍ୱସ୍ତରୀୟ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପକ୍ଷରୁ ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ପୁରୀରେ ଅନୁଷ୍ଠିତ ହେଉଥିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ବଡଦାଣ୍ଡରେ ସେବା କାର୍ଯ୍ୟ ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ବଡଦାଣ୍ଡରେ ଇଫକୋ ପକ୍ଷରୁ ନିଃଶୁଳ୍କ ହୁଇଲ୍ ଚେୟାର ସେବା ପ୍ରଦାନ କରାଯାଉଅଛି । ଏଥି ସହିତ ଯାତ୍ରୀମାନଙ୍କୁ ମାଗଣାରେ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଉଅଛି । ୨୦୨୨ ମସିହାରେ ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍ ଏହି ସେବା କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ତାଙ୍କରି ମାର୍ଗଦର୍ଶନରେ ଇଫକୋ ଚଳିତ ବର୍ଷ ଏହି ସେବା କାର୍ଯ୍ୟ ଜାରି ରଖିଛି । ଏହି ସ୍ୱତନ୍ତ୍ର ଷ୍ଟଲକୁ ମନ୍ଦିର ସେବାୟତ ବିଶ୍ୱାବସୁ ବିନାୟକ ଦାସମହାପାତ୍ର, ଅନନ୍ତ ଦାସମହାପାତ୍ର, ଇଫକୋ ଲୋକସମ୍ପର୍କ ଅଧିକାରୀ ଡ.ପ୍ରସନ୍ନ କୁମାର ବେଉରାଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍, ପାରାଦୀପ ୟୁନିଟ୍ ହେଡ୍ ପି.କେ.ମହାପାତ୍ର ଏହି ଷ୍ଟଲରେ ପହଂଚି ଭକ୍ତମାନଙ୍କୁ ଯୋଗାଇ ଦିଆ ଯାଉଥିବା ସେବା କାର୍ଯ୍ୟ ତଦାରଖ କରି ଖୁସି ବ୍ୟକ୍ତ କରିଥିଲେ । ଇଫକୋର ଏହି କାର୍ଯ୍ୟକୁ ଭକ୍ତମାନେ ସୁବିଧା ପାଇ ଖୁସିବ୍ୟକ୍ତ କରୁଛନ୍ତି ।

# ଟ୍ରକ୍‌କୁ ଧକ୍କା ଦେଲା ଚୁଙ୍ଗୁଡ଼ି ବୋଝେଇ କଂଟେନର

କେନ୍ଦ୍ରାପଡ଼ା, ୨୦/୭ (ନି.ପ୍ର): କଟକ ଚାନ୍ଦବାଲି ରାସ୍ତାର କୁସୁନପୁର ଠାରେ ରାସ୍ତା କଡ଼ରେ ଅଟକି ଥିବା ଏକ ଟ୍ରକ୍‌କୁ ଧକ୍କାଦେଲା ଚୁଙ୍ଗୁଡ଼ି ବୋଝେଇ କଂଟେନର। ଫଳରେ କଂଟେନରରେ ଥିବା ୪ ଜଣଙ୍କ ମଧ୍ୟରୁ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ ଚାନ୍ଦବାଲି ରାସ୍ତାର କୁସୁନପୁର ଛକ ଠାରେ ଚକ ଫାଟି ଯିବା ଯୋଗୁଁ ଏକ ସିମେଂଟ ବୋଝେଇ ଟ୍ରକ୍ ରାସ୍ତା କଡ଼ରେ ଅଟକି ରହିଥିଲା। ଆଜି ଭୋର୍ ପ୍ରାୟ ୫,୩୦ଟାବେଳେ କଟକ ଆଡୁ ଆସୁଥିବା ଏକ ଚୁଙ୍ଗୁଡ଼ି ବୋଝେଇ କଂଟେନର ଅଟକି ଥିବା ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଚୁଙ୍ଗୁଡ଼ି ବୋଝେଇ ଟ୍ରକ୍‌ରେ ଥିବା ୪ ଜଣଙ୍କ ମଧ୍ୟରୁ ଦୁଇଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ହସ୍ପିଟାଲ ପରେ କଟକ ସ୍ଥାନାନ୍ତର କରାଯାଇଛି। ସଦର ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର କୁସୁନପୁର ଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ ଓ ଆହତଙ୍କ ପରିଚୟ ମିଳିଛି। ଏହି ଦୁର୍ଘଟଣାରେ ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ତାଳଚୁଆ ଅଂଚଳର ରବିନ୍ଦ୍ର ଜେନା ଓ ଭଦ୍ରକ ବାସୁଦେବପୁର ଅଂଚଳର ଶାନ୍ତନୁ ଜେନା।

# ଶ୍ରାବଣର ପ୍ରଥମ ସୋମବାରରେ ଚଳଚଞ୍ଚଳ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ: ଜଳାଭିଷେକ କଲେ ହଜାର ହଜାର ଶ୍ରଦ୍ଧାଳୁ



ନୀଳଗିରି, ୨୦/୭ (ନି.ପ୍ର): ଶ୍ରାବଣ ମାସର ପ୍ରଥମ ସୋମବାରରେ ଚଳଚଞ୍ଚଳ ହୋଇଉଠିଛି ଉତ୍ତର ଓଡିଶାର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠ । ଏହି ଅବସରରେ ପଞ୍ଚଲିଙ୍ଗେଶ୍ୱର ପୀଠରେ କାଉଡ଼ିଆଙ୍କ ଭିଡ଼ ଜମିଥିଲା। ବହୁ ଦୂର ଦୂରାନ୍ତରୁ କାଉଡ଼ିଆମାନେ ବିଭିନ୍ନ ପାଣିଉତ୍ସରୁ ଜଳଆଣି ସ୍ୱର୍ଣ୍ଣ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ପ୍ରଥମ ସୋମବାରରେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ବହୁ ଜନସମାଗମ ଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।ପ୍ରଥମ ଦିନରେ ୫ ହଜାରରୁ ଉର୍ଦ୍ଧ୍ୱ କାଉଡିଆ ଜଳାଭିଷେକ କରିଛନ୍ତି ।ଭକ୍ତମାନଙ୍କ ପାଇଁ ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ଆଲୋକ , ଡାକ୍ତରୀ ଟିମ୍ , ପାନୀୟଜଳ , ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରସାଶନ , ଟ୍ରଷ୍ଟ ବୋର୍ଡ଼ର ସମସ୍ତ ସଦସ୍ୟ ନିୟୋଜିତ ଅଛନ୍ତି । ମଧରାତ୍ରରୁ କାଉଡିଆମାନେ ଜଳଲାଗି କରିଥିବା ବେଳେ ସକାଳ ୬ ଟା ସମୟରେ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ନୀତିପୂଜା ହୋଇଥିଲା। ଚଳିତବର୍ଷ ଶ୍ରାବଣ ମାସରେ ୭ଟି ସୋମବାର ପଡିଥିବାରୁ ଦ୍ୱିତୀୟ ସୋମବାରଠାରୁ କାଉଡିଆ ମାନଙ୍କର ଭିଡବଢିବ ବୋଲି ଆଶା କରାଯାଉଛି। ଯାହାପାଇଁ ସ୍ଥାନୀୟ ପ୍ରସାଶନ ସମ୍ପୂର୍ଣ୍ଣ ସଜାଗ ରହିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ସଂସଦର ମୌସୁମୀ ...

ଗତ ମେ ମାସରେ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ଅଧ୍ୟାଦେଶକୁ ବଦଳାଇବା ପାଇଁ ଏହି ବିଲ୍ ଅଣାଯାଇଛି । ସୂଚନାଯୋଗ୍ୟ ଯେ, ଉକ୍ତ ଅଧ୍ୟାଦେଶ କାର୍ଯ୍ୟକାରୀ ହେବା ପରଠାରୁ ବର୍ଦ୍ଧିତ ଅନୁମୋଦିତ କ୍ଷମତା ଆଧାରରେ ଇତିମଧ୍ୟରେ ସୁପ୍ରିମକୋର୍ଟରେ ୫ ଜଣ ନୂଆ ବିଚାରପତିଙ୍କୁ ନିଯୁକ୍ତି ଦିଆସରିଛି । ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଁ କୌଣସି ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା ନାହିଁ । ଏହି ବିଲ୍‌କୁ ପାରିତ କରିବା ପାଇଁ ସଂସଦରେ କେବଳ ସରଳ ବହୁମତର ଆବଶ୍ୟକତା ରହିଛି । ଅନ୍ୟପକ୍ଷରେ, ବାରମ୍ବାର ମୁଲତବି ରହିବା ପରେ ଅପରାହ୍ଣ ୩ଟାରେ ଲୋକସଭା କାର୍ଯ୍ୟ ପୁନର୍ବାର ଆରମ୍ଭ ହୋଇଥିଲା । ହେଲେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସାଂସଦମାନେ ପୁଣିଥରେ ନିଜ ଦାବି ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ । ସ୍ଥିତି ଶାନ୍ତ ନପଡ଼ିବାରୁ ବାଧ ହୋଇ ବାଚସ୍ପତି ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବି ଘୋଷଣା କରିଛନ୍ତି।

## ଆକାଶଛୁଆଁ ପରିବା...

ବାସ୍ତବ ସ୍ଥିତି ଜାଣିବା ପାଇଁ ଭୁବନେଶ୍ୱରର ଏକ ନମ୍ବର ପରିବା ହାଟରେ ଅନୁଧ୍ୟାନ କରିବାରୁ ଏକ ଚିନ୍ତାଜନକ ଚିତ୍ର ସାମ୍ନାକୁ ଆସିଛି । ସକାଳ ହେବା ମାତ୍ରେ ଏହି ହାଟରେ ବାହାରୁ ଆସୁଥିବା ପରିବା ବୋଝେଇ ଟ୍ରକ୍‌ର ଲମ୍ବା ଲାଇନ୍ ଲାଗିଯାଏ ଏବଂ ଦେଶର କୋଣ ଅନୁକୋଣରୁ ଭଳିକି ଭଳି ପରିବା ଆସି ପହଞ୍ଚେ । କିନ୍ତୁ ଏତେ ସବୁ ପରିବା ଭିତରେ ଓଡ଼ିଶାର ନିଜସ୍ୱ ଉତ୍ପାଦନ କେତେ ବୋଲି ବ୍ୟବସାୟୀଙ୍କୁ ପଚାରିବାରୁ ଜଣାପଡ଼ିଥିଲା ଯେ, ବଜାରରେ କେବଳ ପୋଟଳ ଓ ଝୁଡ଼ୁଙ୍ଗକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପରିବା ରାଜ୍ୟ ବାହାରରୁ ହିଁ ଆମଦାନୀ ହେଉଛି । ଓଡ଼ିଶା ବଜାରରେ ଏବେ ବାହାର ରାଜ୍ୟର ପରିବା ସମ୍ପୂର୍ଣ୍ଣ ଭାବେ ନିଜର ଆଧିପତ୍ୟ ବିସ୍ତାର କରିଛି କହିଲେ ଅତ୍ୟୁକ୍ତି ହେବନାହିଁ । ରାଜ୍ୟ ବାହାରୁ ଆସୁଥିବା ପରିବାର ତାଲିକା ଉପରେ ନଜର ପକାଇଲେ ଜଣାପଡ଼େ ଯେ, ନାଗପୁରରୁ ବାଇଗଣ ଆସୁଥିବା ବେଳେ କୋଲକାତାରୁ ଦେଶୀ କାଙ୍କଡ଼ ଓ ଭେଣ୍ଡି ଆସୁଛି । ସେହିପରି ବେଙ୍ଗାଲୁରୁରୁ କୋବି, କଖାରୁ ଓ ବିନ୍ସ ଏବଂ ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ ଖମ୍ବଆଳୁ ଓ କଞ୍ଚା କଦଳୀ ଆମଦାନୀ କରାଯାଉଛି । ଗୋଟିଏ ପଟେ ବର୍ଷା ଯୋଗୁଁ ସ୍ଥାନୀୟ ଅମଳ ବାଧାପ୍ରାପ୍ତ ହୋଇଛି ଏବଂ ଅନ୍ୟପଟେ ବାହାରୁ ପରିବା ଆସୁଥିବାରୁ ଏଥିରେ ଟ୍ରାନ୍ସପୋର୍ଟେସନ୍ ବା ପରିବହନ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଯୋଡ଼ି ହୋଇଯାଉଛି । ଫଳରେ ପରିବା ଦର ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି ଏବଂ ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି । କେତେବେଳେ ଆଳୁ ତ ଆଉ କେତେବେଳେ ପିଆଜ ଦର ଖାଉଟିଙ୍କ ଚିନ୍ତା ବଢ଼ାଉଥିବା ବେଳେ ଏବେ ସବୁଜ ପରିବା ଦର ସେମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ରାଜ୍ୟରେ ଚାଷୀମାନେ ପରିବା ଚାଷ ପ୍ରତି ବିଶେଷ ଆଗ୍ରହ ଦେଖାଉନଥିବା ବେଳେ ଶୀତଳ ଭଣ୍ଡାର ଭଳି ଆନୁଷଙ୍ଗିକ ସୁବିଧାର ଘୋର ଅଭାବ ରହିଛି । ଯାହା ଫଳରେ ରାଜ୍ୟରେ ପରିବା ଉତ୍ପାଦନ କ୍ରମାଗତ ଭାବେ କମିବାରେ ଲାଗିଛି । ଏହି ଗମ୍ଭୀର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ତୁରନ୍ତ କୃଷି ଭିତ୍ତିଭୂମି ଉପରେ ଦୃଷ୍ଟି ଦେବା ସହ ପରିବା ଚାଷୀଙ୍କୁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦେବାର ଜରୁରୀ ଆବଶ୍ୟକତା ରହିଛି ।

## ରଥଯାତ୍ରା ବେଳେ ଶ୍ରଦ୍ଧାଳୁଙ୍କ...

ରାଇକରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ଏଥିସହିତ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ଧୈର୍ଯ୍ୟ ଧରିବାକୁ କହିଛନ୍ତି । ଜଣେ ରାଜ୍ୟ ଭିତରୁ ଏବଂ ଅନ୍ୟ ଜଣେ ସୁଦୂର ମୁମ୍ବାଇରୁ ଆସି ଶ୍ରୀକ୍ଷେତ୍ରରେ ଏପରି ଅକାଳରେ ପ୍ରାଣ ହରାଇବା ଘଟଣାକୁ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଦୁଃଖଦାୟକ ବୋଲି ବର୍ଣ୍ଣନା କରିଛନ୍ତି । ବିପଦର ଏହି ଘଡ଼ିରେ ରାଜ୍ୟ ସରକାର ସେମାନଙ୍କ ପରିବାର ସହ ଛିଡ଼ା ହୋଇଛନ୍ତି ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଅକାଳ ବିୟୋଗର ଶିକାର ହୋଇଥିବା ମୃତକଙ୍କ ପରିବାରକୁ ତୁରନ୍ତ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଏକ ବଡ଼ ତଥା ସମ୍ବେଦନଶୀଳ ପଦକ୍ଷେପ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ବା ସିଏମ୍‌ଆରଏଫ୍‌ରୁ ଉଭୟ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ତୁରନ୍ତ ଆର୍ଥିକ ସହାୟତା ଘୋଷଣା କରାଯାଇଛି । ସରକାରୀ ଘୋଷଣା ଏବଂ ନିର୍ଦ୍ଦେଶ ଅନୁଯାୟୀ, ଉଭୟ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ମୃତକଙ୍କ ପରିବାର ଉପରେ ହଠାତ୍ ପଡ଼ିଥିବା ଏହି ବିପଦ ସମୟରେ ସରକାରଙ୍କ ଏହି ଆର୍ଥିକ ସହାୟତା ସେମାନଙ୍କ ପାଇଁ ଏକ ବଡ଼ ସମ୍ବଳ ହେବ । ଏହି ଆର୍ଥିକ ସହାୟତା ରାଶି ଯେପରି ବିନା କୌଣସି ପ୍ରଶାସନିକ ବାଧାବିଘ୍ନରେ ତୁରନ୍ତ ଏବଂ ସୁରକ୍ଷିତ ଭାବେ ମୃତକଙ୍କ ପରିବାର ନିକଟରେ ପହଞ୍ଚିପାରିବ, ସେନେଇ ସ୍ଥାନୀୟ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ପୁରୀରେ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେଉଥିବା ବେଳେ ଏଭଳି ସ୍ୱାସ୍ଥ୍ୟଗତ ଅଘଟଣ ସମସ୍ତଙ୍କୁ ବ୍ୟଥିତ କରିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ତୁରନ୍ତ ଏବଂ ମାନବୀୟ ପଦକ୍ଷେପ ଶୋକସନ୍ତପ୍ତ ପରିବାରକୁ ଏହି ଦୁଃଖଦ ସମୟରେ କିଛି ମାତ୍ରାରେ ଆଶ୍ୱାସନା ପ୍ରଦାନ କରିବ ବୋଲି ଆଶା କରାଯାଉଛି । ଏଥିସହ ଆଗାମୀ ଦିନରେ ପୁରୀକୁ ଆସୁଥିବା ଦର୍ଶନାଭିଳାଷୀ ତଥା ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ସ୍ୱାସ୍ଥ୍ୟ ବିଭାଗ ଏବଂ ଡାକ୍ତରୀ ଦଳ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଛି ।

## କେଉଁଠି ପ୍ରବଳ ତ...

ସେପଟେ ଠିକ୍ ବିପରୀତ ଚିତ୍ର ଦେଖିବାକୁ ମିଳିଛି ନିଅଣ୍ଟିଆ ବର୍ଷା ହୋଇଥିବା ଜିଲ୍ଲାଗୁଡ଼ିକରେ । କଳାହାଣ୍ଡି, ନବରଙ୍ଗପୁର ଓ ଦେବଗଡ଼ ଭଳି ଜିଲ୍ଲାରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ବିଶେଷକରି କଳାହାଣ୍ଡି ଜିଲ୍ଲାର କୋକସରା, ଧର୍ମଗଡ଼ ସମେତ ଅଧିକାଂଶ ଅଞ୍ଚଳରେ ଚାଷ ଜମି ଏବେ ବି ଶୁଖିଲା ପଡ଼ିଆ ହୋଇ ପଡ଼ିରହିଛି । ଯେଉଁ ବିଲ ଏବେ ସବୁଜ ଧାନ କ୍ଷେତରେ ହସିବା କଥା, ସେଠାରେ ବର୍ତ୍ତମାନ ଗୋରୁଗାଈ ଚରୁଥିବା ଦେଖିବାକୁ ମିଳୁଛି । ଆଗକୁ ଯଦି ଏଭଳି ସ୍ଥିତି ଲାଗି ରୁହେ ଏବଂ ପାଣିପାଗରେ ଆଖିଦୃଶିଆ ପରିବର୍ତ୍ତନ ନଆସେ, ତେବେ ରାଜ୍ୟରେ ଚଳିତ ବର୍ଷ ବ୍ୟାପକ ମାତ୍ରାରେ ଧାନ ଅମଳ ପ୍ରଭାବିତ ହେବାର ଆଶଙ୍କା କରାଯାଉଛି ।

## ନିଟ୍ ପ୍ରସଙ୍ଗରେ ରଣକ୍ଷେତ୍ର ପାଲଟିଲା ...

ସେତେବେଳେ ସ୍ଥିତି ସମ୍ପୂର୍ଣ୍ଣ ଅଣାୟତ୍ତ ହୋଇପଡ଼ିଥିଲା । କେବଳ ସେତିକି ନୁହେଁ, ରାଜୀବ ଚୌକ, ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ଏବଂ ଜନପଥ ଭଳି ୫ଟି ପ୍ରମୁଖ ତଥା ବ୍ୟସ୍ତବହୁଳ ମେଟ୍ରୋ ଷ୍ଟେସନକୁ କିଛି ସମୟ ପାଇଁ ବନ୍ଦ କରିଦିଆଯାଇଥିଲା । ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ଏବଂ ହଜାର ହଜାର ସାଧାରଣ ଯାତ୍ରୀ ନାହିଁ ନଥିବା ହଇରାଣ ହରକତ ହୋଇଛନ୍ତି । ପୁଲିସର ଏତେ କଡ଼ା ଆଭିମୁଖ୍ୟ ଏବଂ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଯୁବକ ଓ ଛାତ୍ରମାନେ ନିଜ ଦାବିରୁ ଓହରି ନାହାନ୍ତି । ପୁଲିସ ପ୍ରଶାସନ ପକ୍ଷରୁ ଗତକାଲିଠାରୁ ଏହି ମାର୍ଚ୍ଚ ପାଇଁ କୌଣସି ଅନୁମତି ଦିଆଯାଇନଥିଲା, ତଥାପି ଆନ୍ଦୋଳନକାରୀମାନେ ନିଜ ଜିଦ୍‌ରେ ଅଟଳ ଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ବାଧ ହୋଇ ଉଗ୍ର ଆନ୍ଦୋଳନକାରୀଙ୍କ ଉପରେ ଲାଠିଚାର୍ଜ କରିବା ସହ ବ୍ୟାପକ ମାତ୍ରାରେ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା । ଫଳରେ ରାଜଧାନୀ ରାସ୍ତାରେ କେବଳ ଧୂଆଁ ଆଉ ଧୂଆଁ ଦେଖିବାକୁ ମିଳିଥିଲା ଏବଂ ଚାରିଆଡ଼େ ଏକ ଆତଙ୍କର ମାହୋଲ ଖେଳିଯାଇଥିଲା । ଏହି ରକ୍ତାକ୍ତ ସଂଘର୍ଷରେ ଅନେକ ଆନ୍ଦୋଳନକାରୀ ଛାତ୍ର ଏବଂ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି । ଏହି ହଙ୍ଗାମା ଓ ହିଂସାକାଣ୍ଡର ସିଧାସଳଖ ପ୍ରଭାବ ସାଧାରଣ ଜନଜୀବନ ଉପରେ ମଧ୍ୟ ପଡ଼ିଛି । ସୁରକ୍ଷା ଦୃଷ୍ଟିକୋଣରୁ କେନ୍ଦ୍ରୀୟ ଦିଲ୍ଲୀର କେତେକ ଅଞ୍ଚଳରେ ମୋବାଇଲ୍ ଇଣ୍ଟରନେଟ୍ ସେବାକୁ ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । କେବଳ ସେତିକି ନୁହେଁ, ରାଜୀବ ଚୌକ, ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ଏବଂ ଜନପଥ ଭଳି ୫ଟି ପ୍ରମୁଖ ତଥା ବ୍ୟସ୍ତବହୁଳ ମେଟ୍ରୋ ଷ୍ଟେସନକୁ କିଛି ସମୟ ପାଇଁ ବନ୍ଦ କରିଦିଆଯାଇଥିଲା । ଯାହା ଫଳରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ଏବଂ ହଜାର ହଜାର ସାଧାରଣ ଯାତ୍ରୀ ନାହିଁ ନଥିବା ହଇରାଣ ହରକତ ହୋଇଛନ୍ତି । ପୁଲିସର ଏତେ କଡ଼ା ଆଭିମୁଖ୍ୟ ଏବଂ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଯୁବକ ଓ ଛାତ୍ରମାନେ ନିଜ ଦାବିରୁ ଓହରି ନାହାନ୍ତି । ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ସହ ନିଟ୍ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ନେଇ ସେମାନେ ନିଜ ଦାବିରେ ଅଟଳ ରହିଛନ୍ତି । ସଂସଦର ମୌସୁମୀ ଅଧିବେଶନ ଚାଲିଥିବା ବେଳେ ରାସ୍ତାରେ ଦେଖାଦେଇଥିବା ଏହି ଉଗ୍ର ଆନ୍ଦୋଳନ ଆଗକୁ କେଉଁ ମୋଡ଼ ନେଉଛି ଏବଂ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ କେନ୍ଦ୍ର ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।

## ଆଣ୍ଡି ବର୍ଣ୍ଣହାମ ବ୍ରିଟେନର...

ସେହିପରି ଦେଶ ପାଇଁ ୧୦ ବର୍ଷିଆ ଜାତୀୟ ବିକାଶ ଯୋଜନା ପ୍ରସ୍ତୁତ କରିବା ସହ ଖୁବ୍‌ଶୀଘ୍ର ନୂଆ ମନ୍ତ୍ରିମଣ୍ଡଳ ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହାପୂର୍ବରୁ ୧୦ ଡାଉନିଂ ଷ୍ଟ୍ରିଟ୍ ବାହାରେ ବିଦାୟୀ ଭାଷଣରେ ପୂର୍ବତନ ପ୍ରଧାନମନ୍ତ୍ରୀ କିର ଷ୍ଟାର୍ମର କହିଥିଲେ, ମୁଁ ସଦ୍‌ଭାବନା ସହ ହସିହସି ବିଦାୟ ନେଉଛି। ସେ ନିଜ ଉତ୍ତରାଧିକାରୀ ଆଣ୍ଡି ବର୍ଣ୍ଣହାମଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇ କହିଥିଲେ ଯେ, ତାଙ୍କ ନେତୃତ୍ୱରେ ବ୍ରିଟେନ ଆହୁରି ଆଗକୁ ବଢ଼ିବ। ଷ୍ଟାର୍ମର କହିଥିଲେ, ପ୍ରଧାନମନ୍ତ୍ରୀ ଭାବେ ଦେଶସେବା କରିବା ତାଙ୍କ ଜୀବନର ସବୁଠୁ ବଡ଼ ସମ୍ମାନ ଥିଲା। ନିଜ ସରକାର ସମୟରେ ଅର୍ଥନୀତିକୁ ସୁଦୃଢ଼ କରିବା, ଦାରିଦ୍ର୍ୟ ହ୍ରାସ, ଶ୍ରମିକଙ୍କ ଅଧିକାର ସୁରକ୍ଷା, ସାର୍ବଜନୀନ ସେବାରେ ସୁଧାର, ଦେଶର ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଓ ୟୁକ୍ରେନ ପ୍ରତି ବ୍ରିଟେନର ସମର୍ଥନ ଜାରି ରଖିବା ତାଙ୍କ ସରକାରର ପ୍ରମୁଖ ସଫଳତା ବୋଲି ସେ ଉଲ୍ଲେଖ କରିଥିଲେ।

## ଭୂସ୍ଖଳନ ପରେ ...

ଭୂସ୍ଖଳନ ପରେଘଟଣାସ୍ଥଳରେ ପୋଲିସ୍, ପୂର୍ତ୍ତ ବିଭାଗ ଓ ସମ୍ପର୍କିତ ବିଭାଗର ଟିମ୍ ପହଂଚି ପରିସ୍ଥିତିର ମୂଲ୍ୟାଙ୍କନ କରୁଛନ୍ତି। ପାଗ ଅନୁକୂଳ ହେଲେ ମାଟି ହଟାଇବା ଓ ରାସ୍ତାକୁ ସୁରକ୍ଷିତ କରିବା କାମ ଆରମ୍ଭ କରାଯିବ। ସ୍ଥାନୀୟ ଲୋକ ଓ ପର୍ଯ୍ୟଟକମାନଙ୍କୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ଯେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଦେହରାଦୁନ-ମସୂରୀ ରାସ୍ତା ବ୍ୟବହାର ନକରନ୍ତୁ ଏବଂ ବିକଳ୍ପ ରାସ୍ତା ଓ ପ୍ରଶାସନଙ୍କ ନିର୍ଦ୍ଦେଶକୁ ପାଳନ କରନ୍ତୁ।

ମଙ୍ଗଳବାର, ଜୁଲାଇ ୨୧, ୨୦୨୬

ଧ୍ୱନି ପ୍ରତିଧ୍ୱନି

# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ସିମୁଳିଆ, ୨୦/୭ (ନି.ପ୍ର): ଆଜି ପୂର୍ବାହ୍ନ ଘ: ୧୦.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ସିମୁଳିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସିମୁଳିଆ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୭୫ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୭୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୩ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଦିଲ୍ଲୀପ କୁମାର ଜେନାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।



# ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟର ସଫଳତା

ବାଲେଶ୍ୱର, ୨୦/୭ (ନି.ପ୍ର): ନିକଟରେ ପ୍ରକାଶିତ ୟୁଜି ନିଟ ପରୀକ୍ଷାରେ ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୀବନଜ୍ୟୋତି ରଥ ମୋଟ ନମ୍ବର ୭୨୦ରୁ ୬୬୬ ଓ ଜସ୍ମିନ ସାହୁ ମୋଟ ନମ୍ବର ୭୨୦ ରୁ ୬୨୨ ନମ୍ବର ରଖି ସିଦ୍ଧି ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଅଞ୍ଚଳ ପାଇଁ ଗୌରବର ବିଷୟ । ଜୀବନଜ୍ୟୋତି ରଥା କୁପାରୀ ହାଇସ୍କୁଲର ମେଧାବୀ ଛାତ୍ର ଓ ସେ କାଉନସିଲ ପରୀକ୍ଷାରେ ମଧ୍ୟ ୬୦୦ରୁ ୫୬୦ ନମ୍ବର ରଖି ଜିଲ୍ଲାର ଟପର ହୋଇପାରିଥିଲେ। ସେହିପରି ଜସ୍ମିନ ସାହୁ ବୈଁଶିଙ୍ଗା ସରସ୍ୱତୀ ବିଦ୍ୟାଳୟର ମେଧାବୀ



ଛାତ୍ରୀ ଥିଲେ । ସେମାନଙ୍କର ସଫଳତା ପାଇଁ ଚେୟାରମେନ ତଥା ସ୍ୱନାମଧନ୍ୟ ରସାୟନ ବିଜ୍ଞାନ ଅଧାପକ କବୀର କୁମାର ମଢୁଆଳ ଅଧକ୍ଷ ସୁମନ୍ତ କୁମାର ସାହୁ ତଥା ସମସ୍ତ ଟ୍ରଷ୍ଟି ମେମ୍ବର ଶ୍ରୀମାନ ରଥ ଓ ସୁଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସଫଳତା କାମନା କରିଛନ୍ତି ।

## ଜମ୍ମୁ-କାଶ୍ମୀରର ପୁଞ୍ଛରେ ଭୂସ୍ଖଳନ ଓ ବନ୍ୟାରେ ୭ ଜଣଙ୍କ ମୃତ୍ୟୁ

ପୁଞ୍ଛ, ୨୦/୭ (ନି.ପ୍ର): ଜମ୍ମୁ-କାଶ୍ମୀରର ବର୍ଷା ପ୍ରଭାବିତ ପୁଞ୍ଛ ଜିଲ୍ଲାର ଲୋରାନ ଗାଁର ଉଚ୍ଚାଂଚଳରେ ସୋମବାର ଘଟିଥିବା ନୂଆ ଭୂସ୍ଖଳନରେ ଗୋଟିଏ ଘର ଭାସିଯାଇଥିବାରୁ ସେଠାରେ ଥିବା ୭ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ୍ ଅଧିକାରୀମାନେ କହିଛନ୍ତି ଯେ ଭୂସ୍ଖଳନ କାରଣରୁ ଭାସି ଯାଇଥିବା ଘରଟି ମାଟିରେ ତିଆରି ହୋଇଥିଲା। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି। ମୃତକମାନଙ୍କ ମଧ୍ୟରେ ଚାରିଜଣ ମହିଳା ଥିବା ସୂଚନା ମିଳିଛି। ଉଲ୍ଲେଖନୀୟ ଯେ, ଶନିବାର ସନ୍ଧ୍ୟାରୁ ପୁଞ୍ଛ ଜିଲ୍ଲାରେ ଭାରୀ ବର୍ଷା ହେଉଛି।

# ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ସମ୍ମାନିତ ହେଲେ ନୀଳଗିରି ବୋହୂ ଡ଼ଃ ରଞ୍ଜନା ଭଣ୍ଡାରି

ନୀଳଗିରି , ୨୦/୭ (ନି.ପ୍ର): ଗ୍ରାମାଞ୍ଚଳ ମାନଙ୍କରେ ବିପଦପୂର୍ଣ୍ଣ ଗର୍ଭାବସ୍ଥା ପରୀକ୍ଷା ସହିତ ଏଚ ପି ଭି ସଚେତନତା ପାଇଁ କାର୍ଯ୍ୟକରି ଗତ ଜୁଲାଇ ୧୮ ତାରିଖ ଡାକ୍ତରଦିବସରେ ଦିଲ୍ଲୀଠାରେ ଭାରତୀୟ ଡାକ୍ତରୀ ସଂଘପକ୍ଷରୁ ପ୍ରଦତ୍ତ ବିଶିଷ୍ଟ ଡାକ୍ତର ସମ୍ମାନରେ କେନ୍ଦ୍ରପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଠାରୁ ସମ୍ମାନିତ ହୋଇଛନ୍ତି ନୀଳଗିରି ବୋହୂ ଡ଼ଃ ରଞ୍ଜନା ଭଣ୍ଡାରି। ଓଡ଼ିଶାର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ତଥା ବାଲେଶ୍ୱର ମେଡିକାଲର କଲେଜର ପୂର୍ବତନ ଡିନ ପ୍ରଫେସର ପ୍ରତାପ ରଥଙ୍କ ସହଧର୍ମିଣୀ ହେଉଛନ୍ତି ଡଃ ଭଣ୍ଡାରି। ସେ ବର୍ତ୍ତମାନ କଟକ ଜିଲ୍ଲା




ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଅଛନ୍ତି। ଗ୍ରାମାଞ୍ଚଳରେ ପହଞ୍ଚି ମହିଳା ମାନଙ୍କର ଗର୍ଭାବସ୍ଥା ପରୀକ୍ଷା କରିବା ସହିତ ସଚେତନ କରାଇବା ସହିତ ଶିଶୁମନ୍ଦିର, ଡିଏଭି ସ୍କୁଲ, ଜାଭିୟର, ବାକଲିସ୍, ଷ୍ଟିୱାର୍ଟ ସ୍କୁଲ, ଉର୍ଦ୍ଦୁ ସ୍କୁଲ, ରେଭେନ୍ସା କଲେଜିଏଟ୍ ସ୍କୁଲ ଭଳି ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କୁ ଏଚ୍ ପି ଭି ଭଳି ମାରାତ୍ମକ ରୋଗ ବିଷୟରେ ସଚେତନ କରିଥିବା ଜଣାଯାଇଛି। ଏଭଳି ସମ୍ମାନ ପାଇଥିବାରୁ ନୀଳଗିରି ତଥା ସମଗ୍ର ଓଡ଼ିଶାରୁ ପ୍ରଶଂସାର ସୁଅ ଛୁଟିଛି।

# ଶିକ୍ଷା ବଞ୍ଚାଓ, ଗଣତନ୍ତ୍ର ସୁରକ୍ଷା କର ଦାବିରେ ସିଟୁର ବିକ୍ଷୋଭ ପ୍ରଦର୍ଶନ

ବାଲେଶ୍ୱର, ୨୦/୭ (ନି.ପ୍ର): ଶିକ୍ଷା ବଞ୍ଚାଓ, ଗଣତନ୍ତ୍ର ସୁରକ୍ଷା କର ଦାବୀ ନେଇ ଆଜି ଫାଣ୍ଡି ଛକ ଠାରେ ଏକ ପ୍ରତିବାଦ ସଭା ସିଟୁ ଜିଲ୍ଲା ସଭାପତି ରାଜକିଶୋର ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତରୀ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାର ତଦନ୍ତ ସହ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକରି ଆଜି ପ୍ରତିବାଦ ସଭା କରାଯାଇଛି। ପରିବେଶ ବିଜ୍ଞାନୀ ସୋନମ ୟାଙ୍ଗଚୁକ୍ ଏକୋଇଶ ଦିନ ଅନଶନରେ ଦିଲ୍ଲୀର ଜନ୍ତରମନ୍ତର ଠାରେ ବସିଥିଲେ। ତାଙ୍କୁ ପୋଲିସ ପକ୍ଷରୁ ଗିରଫ କରାଯାଇଛି। ଏହାକୁ ତୀବ୍ର ନିନ୍ଦା କରାଯାଇଛି। ଓଡିଶା ର ପାଠ୍ୟ ପୁସ୍ତକ ରେ ଭୁଲ ପ୍ରକାଶ କରାଯାଇଛି। ଆଗାମୀ ଦିନରେ ଛାତ୍ର, ଛାତ୍ରୀ ମାନଙ୍କୁ ସଠିକ ପୁସ୍ତକ ଯୋଗାଇ ଦେବା ପାଇଁ ଦାବି କରାଯାଇଛି। ସିଟୁ ର ଉପସଭାପତି ଶିଶିର ହୁଇ, ସିଟୁ ର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ସିଟୁ ରାଜ୍ୟ ନେତ୍ରୀ ଇଶାନି ଷଡଙ୍ଗୀ, ପୂର୍ଣିମା ବେହେରା , ସୁକାନ୍ତି ବେହେରା ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

# ଐତିହାସିକ ସର୍ବଭାରତୀୟ ଯୁବ -ଛାତ୍ର ଆନ୍ଦୋଳନ ଓ ସ୍ୱନମ୍ ୱାଙ୍ଗଚୁକ୍ଙ୍କ ଆମରଣ ଅନଶନ ପ୍ରତି ସଂହତି ଜଣାଇ ଭଦ୍ରକରେ ସିପିଆଇ(ଏମ) ପକ୍ଷରୁ ସଭା

ଭଦ୍ରକ, ୨୦/୭ (ନି.ପ୍ର): ଦିଲ୍ଲୀର ଜନ୍ତର ମନ୍ତର ରୋଡ ରେ ଚାଲିଥିବା ସର୍ବଭାରତୀୟ ଯୁବ-ଛାତ୍ର ଆନ୍ଦୋଳନ ଏବଂ ସୋନମ ୱାଙ୍ଗଚୁକ୍ ଙ୍କ ଆମରଣ ଅନଶନ ପ୍ରତି ସଂହତି ପ୍ରକାଶ କରି ଭଦ୍ରକ ସହର ସ୍ଥିତ ଷ୍ଟେଟ ବ୍ୟାଙ୍କ ଛକଠାରେ ଏକ ସଭା ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ପ୍ରଫୁଲ୍ଲ ପାଢୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଯୁବ-ଛାତ୍ର ମାନଙ୍କ ଗଣତାନ୍ତ୍ରିକ ଆନ୍ଦୋଳନକୁ ପୁଲିସ୍ ବଳ ପ୍ରୟୋଗ କରି ଦମନ କରିବା ଉଦ୍ୟମ କୁ ସଭାରେ ତୀବ୍ର ନିନ୍ଦା କରାଯାଇଛି । ଆନ୍ଦୋଳନ ସ୍ଥଳକୁ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରତିନିଧି ନଆସି ଯୁବ- ଛାତ୍ର ପ୍ରତିନିଧି ଙ୍କ ସହ ଆଲୋଚନା ନକରି ଏହି ଐତିହାସିକ ଆନ୍ଦୋଳନର ମୁଖ୍ୟ ନେତା ଭାରତର ବିଶିଷ୍ଟ ପରିବେଶବିତ୍ ତଥା ବୈଜ୍ଞାନିକ ସ୍ୱନମ୍ ୱାଙ୍ଗଚୁକ୍ ଙ୍କୁ ବଳପୂର୍ବକ ଅନଶନ ସ୍ଥଳରୁ ଦିଲ୍ଲୀ ପୋଲିସ




ଉଠାଇ ନେଇ ବେଆଇନ ଭାବେ ଅଟକ ରଖି ଭାରତର ଗଣତନ୍ତ୍ର କୁ ହତ୍ୟା କରିବା ଘଟଣାକୁ ସିପିଆଇ(ଏମ) ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି । ସେହିପରି ଓଡିଶାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ୨୨୦୦ ରୁ ଅଧିକ ତ୍ରୁଟି ରାଜ୍ୟରେ ଚାଲିଥିବା ବିଜେପି ସରକାରର ଅପାରଗତାକୁ ପଦାରେ ପକାଇଛି ବୋଲି ସିପିଆଇ(ଏମ) ନେତୃବୃନ୍ଦ ପ୍ରକାଶ କରିଥିଲେ । ଭାରତର ଶିକ୍ଷା ବ୍ୟବସ୍ଥାରେଦେଖାଯାଇଥିବା ଅରାଜକତା ପାଇଁ ଦାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା , ଏନ୍ ଟି ଏ କୁ ବାତିଲ କରି ନିଟ ସମେତ ସମସ୍ତ ଜାତୀୟ ପ୍ରବେଶିକା ପରୀକ୍ଷାରେ ସ୍ୱଚ୍ଛତା, ନିରପେକ୍ଷତା ଓ ଉତ୍ତର ଦାୟିତ୍ୱତା ସୁନିଶ୍ଚିତ କରିବା, ଏହି ପ୍ରଶ୍ନ ପତ୍ର ଲିକ୍ ଘଟଣାରେ ଜଡିତ ସମସ୍ତ ଅଭିଯୁକ୍ତ ଓ ଷଡଯନ୍ତ୍ରକାରୀ ମାନଙ୍କୁ ଗିରଫ କରିବା, ଛାତ୍ର ବିରୋଧି ଜାତୀୟ ଶିକ୍ଷା ନୀତି-୨୦୨୦ ବାତିଲ କରିବା, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ ମୃତ୍ୟୁ ବରଣ କରିଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ପରିବାର ଗୁଡିକୁ ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ, ଶିକ୍ଷାର ବ୍ୟବସାୟୀକରଣ ଓ ସାଂପ୍ରଦାୟିକରଣ ଶିକ୍ଷା ନୀତି ବାତିଲ କରି ଭାରତରେ ଗୁଣାତ୍ମକ ଓ ବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା, ଓଡିଶାରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦେବା, ସଂଶୋଧିତ ପାଠ୍ୟ ପୁସ୍ତକ ତୁରନ୍ତ ପ୍ରଚଳନ କରି ଛାତ୍ର ଛାତ୍ରୀ ମାନଙ୍କୁ ଯୋଗାଇ ଦେବା ଆଦି ଦାବି ସଭାରେ ସିପିଆଇ(ଏମ) ନେତୃତ୍ୱ ଉପସ୍ଥାପନ କରିଥିଲେ । ଏହି ଦାବି ଗୁଡିକ ପୂରଣ ନହେଲେ ଆଗାମୀ ଦିନରେ ତୀବ୍ର ଲଢେଇ ହେବ ବୋଲି ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କାଳନ୍ଦୀ ପାତ୍ର, ଗିରିଧାରୀ ନାଥ, ଜୟନ୍ଦୂଲ ଆବେଦିନ, ବିଶିଷ୍ଟ ଆଇନଜୀବୀ ଅଶୋକ ନାୟକ, ବରିଷ୍ଠ ନେତା ନିରଞ୍ଜନ ପାଣି, ଯୁବନେତା ସେକ୍ ସନାଉଲ୍ଲା, ବିନୋଦ ସାହୁ, ଯୁବନେତା ଅଶୋକ ବେହେରା, ଯୁବ ଆଇନଜୀବୀ ପାୟଲ ସାହୁ, ଉଷାଶ୍ରୀ ବାରିକ୍ ପ୍ରମୁଖ ଉପସ୍ଥିତ ହୋଇ ସ୍ୱନମ୍ ୱାଙ୍ଗଚୁକ୍ ଙ୍କ ଆମରଣ ଅନଶନ ପ୍ରତି ସଂହତି ଜଣାଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ ।

# ବିଜେପି ଜିଲ୍ଲା ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୦/୭ (ନି.ପ୍ର): ବାଲେଶ୍ୱର ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲା ସାଙ୍ଗଠନିକ ବୈଠକ ଆତିଥ୍ୟ ଭବନ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ତାଙ୍କ ସ୍ୱାଗତ ଭାଷଣରେ କାର୍ଯ୍ୟକର୍ତ୍ତା ମାନଙ୍କୁ ଉତ୍ସର୍ଗୀକୃତ ମନୋଭାବ ନେଇ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ ବୈଠକରେ ତୃଣମୂଳ ସ୍ତରରେ ସଙ୍ଗଠନକୁ କିପରି ମଜଭୁତ ହେବ, ଦଳୀୟ କାର୍ଯ୍ୟକ୍ରମର ବ୍ୟାପକତା, ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ମୁଖ୍ୟ



ପ୍ରସଙ୍ଗ ରହିଥିଲା। କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଜିଲ୍ଲା ପ୍ରଭାରୀ ଗୌତମ ରାୟ, ମୁଖ୍ୟ ବକ୍ତା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆଗାମୀ ନଗର ଓ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଓ ଯୋଜନା ବାବଦରେ ବିସ୍ତାରିତ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦର ବିଧାୟକ ମାନସ କୁମାର ଦତ୍ତ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ, ରାଜ୍ୟ କାର୍ଯକାରିଣୀ ସଦସ୍ୟା ମମତା ମହାପାତ୍ର , ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ମଞ୍ଚାସିନ ଥିଲେ। ଜିଲ୍ଲାର ସମସ୍ତ ଜିଲ୍ଲା ପଧାଦିକାରୀ ସମସ୍ତେ ମଣ୍ଡଳ ସଭାପତି, ମଣ୍ଡଳ ପ୍ରଭାରୀ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




# ପୂର୍ବତନ ବ୍ଲକ ଉପାଧକ୍ଷଙ୍କ ହରେକୃଷ୍ଣ ମହାନ୍ତିଙ୍କ ଏକାଦଶାହ

ବାରିପଦା, ୨୦/୭ (ନି.ପ୍ର): ମୟୁରଭଞ୍ଜ ଜ଼ିଲ୍ଲା କପ୍ତିପଦା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ, ପୂର୍ବତନ ଶିକ୍ଷକ, ବିଶିଷ୍ଟ ସମାଜସେବୀ ତଥା ନୁଦଡିହା ଅଞ୍ଚଳର ବିକାଶ ପୁରୁଷ ହରେକୃଷ୍ଣ ମହାନ୍ତିଙ୍କର ଏକାଦଶାହ ପାଳନ ହୋଇଯାଇଛି। ପିତା ପଦ୍ମଲୋଚନ ମହାନ୍ତି ବାରିପଦା ରେ ମହଓକିଲ ଓ ମାତା ବାସନ୍ତୀଙ୍କ କୋଳ ମଣ୍ଡନ ଜନ୍ମ ଗ୍ରହଣ କରିଥିଲେ ହରେକୃଷ୍ଣ ଙ୍କ ତାଙ୍କ ବଡ



ପୁଅ ଓ ପୁତ୍ର ବୋଉ ବାରିପଦା ଓକିଲ, ବିଦ୍ୟୁତ କୁମାର ମହାନ୍ତି, ସାନ ପୁଅ ଓ ପୁତ୍ର ବହୁ ପୂର୍ବତନ ସରପଞ୍ଚ ରିତାରାଣୀ ଦଣ୍ଡପାଟ , ଭାଇ, ଭଉଣୀ, ଚନ୍ଦ୍ରକାନ୍ତି ପ୍ରଧାନ, ଛାୟାକନ୍ତି ଭୋଳ, ପ୍ରମେକାନ୍ତି ନାୟକ, ସୁକାନ୍ତି ମଲ୍ଲିକ, ଶାନ୍ତି ନାୟକ, ଜୟନ୍ତୀ ମହାପାତ୍ର, ଦମୟନ୍ତୀ ନାୟକ, ସୂର୍ଯକାନ୍ତି ମହାପାତ୍ର, ବାଣଜା.ଭାଣିଜୀ,ନାତି ସୁବମ ମହାନ୍ତି , ନାତୁଣୀ କ୍ରିଷ୍ଣା ତୁଳସୀ ମହାନ୍ତି,ଆଉ ସହ ପରିବାର, ଗ୍ରାମ ବାସି ଉପସ୍ଥିତ ଥିଲେ ଅ ନୁଦଡିହା ରେ ରେ ଏକାଦଶାହ ସପୂର୍ଣ ହୋଇଛି.ତାଙ୍କ ଏକାଦଶାହ ମୟୁରଭଞ୍ଜ ର ବାରିପଦା,ଉଦଲା, କପ୍ତିପଦା, ପିଙ୍ଗୁ, ପୋଡାଡିହ, ଆସନବାଣୀ ଓ ଶରତ ଉପଖଣ୍ଡ ଅଞ୍ଚଳରେ ଲୋକ ଉପସ୍ଥିହି ଥିଲେ ଅ ଭଜନ ସନ୍ଧ୍ୟା ନୁଦଡିହା ବାସଭବନ ରେ ଏକାଦଶାହ ପାଳନ ହୋଇଥିବା ବୋଲି ତାଙ୍କ ସୁପୁତ୍ର ବାରିପଦା ଓକିଲ ବିଦ୍ୟୁତ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

# ବସ୍ତା - ବାଲିଆପାଳ ରାସ୍ତା ସାରା ଖାଲ: ଯାତାୟାତରେ ବାଧା

ବସ୍ତା, ୨୦/୭ (ନି.ପ୍ର): ବସ୍ତାର ଗାନ୍ଧୀଛକ ଠାରୁ ବାଲିଆପାଳ ୨୩ କି ମି ରାସ୍ତା ଖୁବ୍ ଦୁର୍ଗମ ଅବସ୍ଥା ହୋଇଗଲାଣି।ପୂର୍ତ୍ତ ବିଭାଗ ଅଧୀନ ଏହି ସଡକର କୁଡିଆ, ଦରଡ଼ା, ମୁକୁଳିସି, ଛଟୀନା, ଜାମଶୂଳୀ, ସିଙ୍ଗଲା, ନାବରା, ରେମୁ, ଖପରାପଦା,ଖାଲମୁହାଁଣି,ଦେଭୋଗ ,ବାଲିଆପାଳ ପ୍ରଭୃତି ବିଭିନ୍ନ ସ୍ଥାନରେ ରାସ୍ତା ସାରା ଛୋଟ ବଡ଼ ଖାଲରେ ପରିପୂର୍ଣ୍ଣ। ଏତଦବ୍ୟତୀତ ସଡକର ୧୪ ଟି ଛୋଟ ବଡ଼ ପୋଲ ଏପରିକି ୫୦ କୋଟିରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ନିର୍ମିତ ପେଜ ଗଳା ବୃହତ୍ ସେତୁ ରେ ମଧ ଅନେକ ଗର୍ତ୍ତ ଦେଖିବାକୁ ମିଳିଛି। ଯାହା ଫଳରେ ଏହି ରାସ୍ତାରେ ଯାତାୟତ କରିବା ଖୁବ୍ ବିପଦ ଶଙ୍କୁଳ ହୋଇ ପଡିଛି।ପ୍ରକାଶ ଥାଉକି ଏହି



ରାସ୍ତା ସହିତ ଜଳେଶ୍ୱର ଓ ଭୋଗରାଇ ଏପରିକି ପଡ଼ୋଶୀ ପଶ୍ଚିମବଙ୍ଗ ସହିତ ଉତ୍ତମ ସଡ଼କ ଯୋଗାଯୋଗ ରହି ଥିବାରୁ ଏବଂ ବାଲିଆପାଳର ଚୌମୁଖ ରେ ପ୍ରସ୍ତାବିତ ବନ୍ଦର ହେଉଥିବାରୁ ପ୍ରତି ମୁହୂର୍ତ୍ତ ରେ ଅସଂଖ୍ୟ ବସ,ଟ୍ରକ୍,କାର ପ୍ରଭୃତି ଚାରି ଚକିଆ ଯାନବାହନ ଚାଲାଚଲ୍ କରୁଛି।ରାସ୍ତା ଖରାପ ଯୋଗୁଁ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି।ଏହି ବ୍ୟସ୍ତ ବହୁଳ ରାସ୍ତାକୁ ବିଶେଷ ଦରଜା ଦେଇ ଉନ୍ନତ ମାନର ସଡ଼କ ନିର୍ମାଣ କରିବା ପାଇଁ ଦାବି ହୋଇଛି।ଏହି ସଡ଼କଟି ବସ୍ତା,ଜାମଶୂଳି ଓ ବାଲିଆପାଳ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଅଧୀନରେ ରହିଛି।ଏହାର ଏଭଳି ଶୋଚ ନୀୟ ଅବସ୍ଥାର ସୁଧାର କେବେ ହେବ ବୋଲି ପଚାରିବାରୁ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ବେହେରା କହନ୍ତି ଯେ ଆସନ୍ତା ବର୍ଷା ଋତୁ ପରେ ରାସ୍ତା କାମ ହେବ।ତେବେ ଜନସାଧାରଣଙ୍କୁ ଆହୁରି ଚାରି ମାସ ଅପେକ୍ଷା କରିବା କଷ୍ଟ ଦାୟକ ବୋଲି ମତ ପ୍ରକାଶ ପାଇଛି।

## ବସ୍ତାରେ ପ୍ରସ୍ତାବିତ ଆହାର କେନ୍ଦ୍ର ଖୋଲିବ କେବେ ?

ବସ୍ତା,୨୦।୭(ନିପ୍ର): ବହୁ ଦିନରୁ ବସ୍ତା ଡାକ୍ତରଖାନା ପାର୍ଶ୍ୱରେ ଆହାର କେନ୍ଦ୍ର ଖୋଲିବାକୁ ପ୍ରସ୍ତାବ ରହି ଆସିଥିଲା।ଏ ପର୍ଯ୍ୟନ୍ତ ତାହା ଖୋଲୋ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।ସୂଚନାରୁ ପ୍ରକାଶ ଯେ ଏହି ଆହାର କେନ୍ଦ୍ର ପାଇଁ ଡାକ୍ତରଖାନା ପାଖରେ ଦୀର୍ଘ ଦିନ ହେଲା ଏକ ଚାକଚକ୍ୟ ଗୃହ ନିର୍ମାଣ ହୋଇ ପଡି ରହିଛି।ମାତ୍ର ଆହାର କେନ୍ଦ୍ର ପାଇଁ କୌଣସି ତତ୍ପରତା ପ୍ରକାଶ ପାଉ ନାହିଁ।୮୦ ଶଯ୍ୟାରୁ ଉର୍ଦ୍ଧ୍ୱ ବିଶିଷ୍ଟ ଏହି 'ରେଫାରାଲ୍ ହସପିଟାଲ୍' କୁ ବସ୍ତା, ବାଲିଆପାଳ, ଜଳେଶ୍ୱର, ଭୋଗରାଇ ଓ ସଦର ବ୍ଲକର ୧୪ ପଞ୍ଚାୟତର ଲୋକେ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଆସୁଥିବା ବେଳେ ଏଠାରେ ଆହାର କେନ୍ଦ୍ର ନ ଥିବାରୁ ଖାଇବାପାଇଁ କଲବଲ ହେଉଛନ୍ତି। ଏତଦବ୍ୟତୀତ ଏଠାରେ ସବ୍ ରେଜେଷ୍ଟ୍ରି, ଉଠା ଜଳ ସେଚନ ବିଭାଗ ଅଫିସ୍,ରେଳ ଷ୍ଟେସନ, ଦୈନିକ ବଜାର ପ୍ରଭୃତି ବିଭିନ୍ନ କାର୍ଯ୍ୟାଳୟ ରହିଛି।ସେଠାକୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକଙ୍କ ପାଇଁ ଏହି କେନ୍ଦ୍ରର ନିହାତି ଆବଶ୍ୟକତା ଥିବା ବେଳେ ଏହାକୁ ଚଳାଇବା ପାଇଁ ଟେଣ୍ଡର ହୋଇନାହିଁ।କିମ୍ବା ଏଥି ସକାଶେ ବିଭାଗୀୟ ସକ୍ରୀୟତା ପ୍ରକାଶ ପାଇ ନାହିଁ।ତୁରନ୍ତ ଏହା ଖୋଲିବାକୁ ସାଧାରଣରେ ଦୃଢ ଦାବି ହୋଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida